# କାମରେ ଲାଗୁନି କାଫେ ଓ ରେଷ୍ଟୁରାଣ୍ଟ କ୍ୟାବିନ୍

ବ୍ରହ୍ମପୁର, ୧୮ ।୨(ସମିସ)

ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏବଂ ସେମାନଙ୍କ ସୁବିଧା ପାଇଁ ସ୍ୱଦେଶ ଦର୍ଶନ ଯୋଜନାରେ ଗୋପାଳପୁରଠାରେ ନିର୍ମାଣ କରାଯାଇଛି କାଫେ ଆଣ୍ଡ ରେଷ୍ଟୁରାଣ୍ଟ। ଏଥିରେ ଲକ୍ଷାଧିକ ଟଙ୍କା ବ୍ୟୟରେ ୧୦ଟି ଅସ୍ଥାୟୀ କ୍ୟାବିନ୍ ନିର୍ମାଣ କରାଯାଇଛି। ଏଥିରୁ ୪ଟି ଅସ୍ଥାୟୀ କ୍ୟାବିନ୍ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଭଙ୍ଗାଦଦରା ଅବସ୍ଥାରେ ଏହି କ୍ୟାବିନ୍‌ଗୁଡ଼ିକ ରହିଥିବା ବେଳେ ପ୍ରଶାସନର ଦୃଷ୍ଟି ପଡୁନଥିବାରୁ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି।






**୪ଟି ଭାଙ୍ଗିରୁଜି ନଷ୍ଟ ହୋଇଗଲାଣି**

୧୦ଟି ଅସ୍ଥାୟୀ କ୍ୟାବିନ୍ ମଧ୍ୟରୁ ୬ଟି କ୍ୟାବିନ ଆଡଭାନଞ୍ଚର ପାର୍କ ମଧ୍ୟରେ ସ୍ଥାପିତ ହୋଇଥିବା ବେଳେ ଦୁଇଟି ଅନ୍ୟ ଦୁଇଟି ଇକୋ ରିଟ୍ରିଟ ସେଣ୍ଟର ମଧ୍ୟରେ ସ୍ଥାପନ କରାଯାଇଛି। ପାର୍କ ନିକଟରେ ଥିବା କିଛି କ୍ୟାବିନ କାମରେ ଲାଗୁଥିବା ବେଳେ ପାର୍କ ଭିତରେ ଓ ଇକୋ ରିଟ୍ରିଟ ସେଣ୍ଟର ନିକଟରେ ରହିଥିବା କ୍ୟାବିନଗୁଡ଼ିକ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କ୍ୟାବିନ୍‌ଗୁଡ଼ିକ କାମରେ ଲାଗୁନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, ସ୍ୱଦେଶ ଦର୍ଶନ ଯୋଜନାରେ କରୋନା ସମୟରେ ପ୍ରଶାସନ ପକ୍ଷରୁ ୧୦ଟି ଅସ୍ଥାୟୀ କ୍ୟାବିନ୍ ବେଳାଭୂମିରେ ସ୍ଥାପନ କରାଯାଇଥିଲା। ବେଳାଭୂମିକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ସେଠାରୁ ନିଜ ପସନ୍ଦର ଖାଦ୍ୟ କିଣି ଖାଇ ପାରିବେ ବୋଲି ଲକ୍ଷ୍ୟ ରଖାଯାଇଥିଲା। ବେଳାଭୂମିରେ ଅସ୍ଥାୟୀ କ୍ୟାବିନ୍ ରହିବା ଫଳରେ ବେଳାଭୂମି ପ୍ରଦୂଷଣ ହେବାର ସମ୍ଭାବନା ଦର୍ଶାଇ ଗୋପାଳପୁରବାସୀ ଜିଲ୍ଲାପାଳ, ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରି ଏଠାରୁ ହଟାଇ ନେବାକୁ ଦାବି କରିଥିଲେ। ଦାବି ଅନୁଯାୟୀ ଉକ୍ତ କ୍ୟାବିନ୍‌ଗୁଡ଼ିକୁ ବେଳାଭୂମିରୁ ହଟାଇ ଦିଆଯାଇଥିଲା। ବର୍ତ୍ତମାନ ଏଗୁଡ଼ିକୁ ପାର୍କ ଓ ଇକୋ ରିଟ୍ରିଟ୍ ମଧ୍ୟରେ ରଖାଯାଇଥିବା ବେଳେ ଏହା ନଷ୍ଟ ହୋଇ ପଡ଼ିଥିବା ଦେଖିବାକୁ ମିଳୁଛି। ପ୍ରଶାସନ ଏହାର ମରାମତି କରି କାମରେ ବ୍ୟବହାର କରାଇବା ପାଇଁ ସାଧାରଣରେ ଦାବି ହୋଇଛି।

## ମହାନଗର ମହୋତ୍ସବ ପାଇଁ ଶୁଭଖୁଣ୍ଟି ସ୍ଥାପନ

ବ୍ରହ୍ମପୁର, ୧୮ ।୨(ସମିସ): ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ରବିବାର ମହାନଗର ମହୋତ୍ସବ ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ ହୋଇଯାଇଛି। ଏଥିରେ ମହୋତ୍ସବ କମିଟିର ସଭାପତି ନାରାୟଣ ମହାଙ୍କୁଡ଼, ସମ୍ପାଦକ ଗୋପାଳ ପଟ୍ଟନାୟକ, ଉପ ସଭାପତି ମିହିର ତ୍ରିପାଠୀ, ଅନିଲ ପାତ୍ର, ସହ ସମ୍ପାଦକ ସତ୍ୟଚେତନ ପରିଡ଼ା, ଅନନ୍ତ ପ୍ରଧାନ, ସ୍ୱାଧୀନ ପାତ୍ର, ମନୋଜ ସାହୁ, ପୂଜକଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଚଳିତମାସ ୨୩ ତାରିଖରୁ ମାର୍ଚ୍ଚ ୩ ତାରିଖ ପର୍ଯ୍ୟନ୍ତ ୧୨ତମ ବ୍ରହ୍ମପୁର ମହାନଗର ମହୋତ୍ସବ ଆୟୋଜିତ ହେବାର କାର୍ଯ୍ୟକ୍ରମ ରହିଛି। କଳାସଂସ୍କୃତି ଓ ସାହିତ୍ୟ ବଞ୍ଚାଇ ରଖିବାକୁ ମହୋତ୍ସବ କମିଟି ପକ୍ଷରୁ ପ୍ରତି ବର୍ଷ ଏହି ମହୋତ୍ସବ ଅନୁଷ୍ଠିତ କରାଯାଇଛି। ଚଳିତ ବର୍ଷ ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୦୦ରୁ ଊର୍ଦ୍ଧ୍ୱ ସାହିତ୍ୟକ, ଗାଳ୍ପିକ ଓ କବି, ଶିଶୁ ଗାଳ୍ପିକ ଓ ସମୀକ୍ଷକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହା ସହ ଓଡ଼ିଆ ସାହିତ୍ୟ ଓ ସାଂସ୍କୃତିକ ବିଭାଗ ପକ୍ଷରୁ ୫ଟି ସାଂସ୍କୃତିକ ଦଳ ସମେତ ଗଞ୍ଜାମ ଜିଲ୍ଲା ସାଂସ୍କୃତିକ ପରିଷଦ ପକ୍ଷରୁ ୫ଗୋଟି ଦଳ ସାମିଲ ହେବେ। ସେହିପରି ସ୍ଥାନୀୟ ଲୋକକଳା ମଧ୍ୟ ପରିବେଷଣ କାର୍ଯ୍ୟକ୍ରମ ରହିଥିବା ସହ ପ୍ରତ୍ୟେକ ଦିନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଭାପତି ନାରାୟଣ ମହାଙ୍କୁଡ଼ କହିଛନ୍ତି।



# ଓଡ଼ିଶା ରାଜ୍ୟ ରେଡ୍ଡୀ ସଂଘମ୍‌ର ରାଜ୍ୟସ୍ତରୀୟ ସମ୍ମିଳନୀ



ବ୍ରହ୍ମପୁର, ୧୮ ।୨(ସମିସ): ଆମ୍ବପୁଆସ୍ଥିତ ବିବେକ ବିହାରଠାରେ ରବିବାର ଓଡ଼ିଶା ରାଜ୍ୟ ରେଡ୍ଡୀ ସଂଘମର ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ରାଜ୍ୟ ସଭାପତି ସି ଏଚ୍. ଦିଲେଶ୍ୱର ରେଡି ଅଧ୍ୟକ୍ଷତା କରିବା ସହିତ ସଂଘମ୍‌ର ଆଭିମୁଖ୍ୟ ସାମାଜିକ ମଙ୍ଗଳ କାର୍ଯ୍ୟକ୍ରମ ଉପରେ ସଂକ୍ଷିପ୍ତ ବିବରଣୀ ପାଠ କରିଥିଲେ। ସେହିପରି ଉପ-ସଭାପତି କେ. ଦୁର୍ଯ୍ୟୋଧନ ରେଡ୍ଡୀ ଯୋଗ ଦେଇ ସଂଘମ୍‌ର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ଆଲୋଚନା କରିଥିଲେ। ଓଡ଼ିଶା ରେଡି ଜାତିକୁ ଓବିସି(ଅନ୍ୟାନ୍ୟ ପଛୁଆ ବର୍ଗ)ରେ ସାମିଲ କରି ରେଡ୍ଡୀ ଜାତିର ଶିକ୍ଷିତ ଯୁବକ, ଯୁବତୀମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଅଧୀନରେ ଖାଲିଥିବା ପଦ ପଦବୀରେ ନିଯୁକ୍ତି ସୁବିଧା ପାଇଁ ସଂଘମ ପକ୍ଷରୁ ଏଠାରେ ଦାବି କରାଯାଇଥିଲା। ଏହା ସହ ପଛୁଆବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସୁବିଧା ପ୍ରଦାନ ନିମନ୍ତେ ଏଠାରେ ଦାବି ହୋଇଥିଲା। ପରେ ଜିଲ୍ଲା ସଭ୍ୟ ଏସ. ଚକ୍ରପାଣି ରେଡ୍ଡୀ, ଜିଲ୍ଲା ଉପଦେଷ୍ଟା ତଥା ଛତ୍ରପୁର ଏନ୍‌ଏସି ଉପାଧ୍ୟକ୍ଷ ବି. ପାପା ରାଓ ସଂଘ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏ ଅବସରରେ ସଂଘମର



ଏକ ଲୋଗୋ ଉନ୍ମୋଚନ କରାଯାଇଥିଲା। ସେହିପରି ଛତ୍ରପୁର ଜୋନ୍ ସଭାପତି ଏସ୍. ବୈରାଗୀ ରେଡି, ଦିଗପହଣ୍ଡି ଜୋନ୍ ସଭାପତି ଏମ୍. ନିରଞ୍ଜନ ରେଡ୍ଡୀ, ଏବଂ ଆସିକା ଜୋନ୍ ସଭାପତି ଆର୍ ଭାଗିରଥି ରେଡ୍ଡୀ ଯୋଗଦେଇ ଗ୍ରାମାଞ୍ଚଳରେ ଉନ୍ନୟନ କାର୍ଯ୍ୟରେ ରେଡ୍ଡୀ ଜାତିର ଭୂମିକାର ପ୍ରାଧାନ୍ୟ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଆର୍ ଅନୀଲ ରେଡ୍ଡିଙ୍କ ସହ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ରହ୍ମପୁର ଡେପୁଟି ମେୟର ଏମ୍. ବିବେକ ରେଡି ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘମର ସମ୍ପାଦକ ଶ୍ରୀନିବାସ ରେଡ୍ଡୀ, ଉପଦେଷ୍ଟା ସାଲା କ୍ରିଷ୍ଣା ରେଡ୍ଡୀ, ଚେନପାନି କ୍ରିଷ୍ଣା ରେଡ୍ଡୀ, କର୍ପୋରେଟର ଆପା ରାଓ ଓ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସମ୍ମିଳନୀରେ ତିନୋଟି ଜିଲ୍ଲା ଗଞ୍ଜାମ, ପୁରୀ, ଖୋର୍ଦ୍ଧା ସମେତ ଆସିକା, ଛତ୍ରପୁର, ଦିଗପହଣ୍ଡି ଜୋନ୍ ଓ ୨୩ଟି ତାଲୁକା ଅଧୀନରେ ଥିବା ୨୭୦ଟି ଗ୍ରାମର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ଭାରତୀୟ ମଜଦୁର ସଂଘର ଜିଲ୍ଲା ସମ୍ମିଳନୀ




ବ୍ରହ୍ମପୁର, ୧୮ ।୨(ସମିସ): ସ୍ଥାନୀୟ ଗୀତା ଭବନ ସମ୍ମିଳନୀ କକ୍ଷରେ ରବିବାର ଭାରତୀୟ ମଜଦୁର ସଂଘର ଗଞ୍ଜାମ ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଯାଇଛି। ସଂଘର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଡ. ଭବାନୀ ଶଙ୍କର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ମିନଳୀରେ ମୁଖ୍ୟ ଅତିଥି ଭାବେ କ୍ଷେତ୍ରୀୟ ସଂଗଠନ ସମ୍ପାଦକ ଗିରିଶ ଚନ୍ଦ୍ର ମହନ୍ତ ଯୋଗଦେଇ ଦେଶର ଆର୍ଥିକ ସ୍ଥିତି, ଶ୍ରମିକ ମାନଙ୍କର ରାଷ୍ଟ୍ରଭକ୍ତି, ଭାରତୀୟ ମଜଦୁର ସଂଘର ଶ୍ରମିକମାନଙ୍କ ପ୍ରତି କାର୍ଯ୍ୟଶୈଳୀ ତଥା ଅନ୍ୟାନ୍ୟ ବହୁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜିଲ୍ଲା ସଂଘ ଚାଳକ ପ୍ରଶାନ୍ତ କୁମାର ପତି ଉପସ୍ଥିତ ରହି ବୈଚାରିକ ମାର୍ଗଦର୍ଶନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ପଣ୍ଡା ଯୋଗଦେଇ ଗଞ୍ଜାମ ଜିଲ୍ଲାର ଶ୍ରମିକଙ୍କ ସଂଗଠିତ ହୋଇ କାର୍ଯ୍ୟକଲେ ଗଞ୍ଜାମ ଜିଲ୍ଲା ଓଡ଼ିଶାରେ ଅଗ୍ରଣୀ ଭୂମିକା ନେଇପାରିବ ଏବଂ ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ଗାଁ ପର୍ଯ୍ୟନ୍ତ ଯାଇ ସେଠାରେ ଥିବା ଲକ୍ଷାଧିକ ଅସଂଗଠିତ ଶ୍ରମିକମାନଙ୍କୁ ଏକଜୁଟ କରିବାକୁ ଏଠାରେ କହିଥିଲେ। ଏହା ସହ ସେମାନେ କିପରି ସାମାଜିକ ସୁରକ୍ଷା ପାଇ ପାରିବେ ସେ ଦିଗରେ ପ୍ରୟାସ କରିବା ପାଇଁ ପରାମର୍ଶ ଦେଇଥିଲେ।

ସମ୍ମିଳନୀରେ ଆଗାମୀ ବର୍ଷ ପାଇଁ ଏକ ନୂତନ କାର୍ଯ୍ୟକାରୀ କମିଟି ଘୋଷଣା କରାଯାଇଥିଲା। ଏଥିରେ ସଭାପତି ଭାବେ ଡ. ଭବାନୀ ଶଙ୍କର ଦାଶଙ୍କୁ ଚୟନ କରାଯାଇଥିବା ବେଳେ ଉପସଭାପତି ଭାବେ ଅରୁଣ କୁମାର ନାୟକ, ମଧୁସୂଦନ ମହାପାତ୍ର, ଚପଳା ନାୟକଙ୍କୁ ଚୟନ କରାଯାଇଥିଲା। ସେହିପରି ଜିଲ୍ଲା ସମ୍ପାଦକ ଭାବେ ଅର୍ଜୁନ କୁମାର ବେହେରା, ସହ ସମ୍ପାଦକ ଜଗନ୍ନାଥ ରାଉଳ, ଅମ୍ବୁଜ ସାହୁ, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଆଚାର୍ଯ୍ୟ, ସଂଗଠନ ସମ୍ପାଦକ ଗୋପାଳକୃଷ୍ଣ ସ୍ୱାଇଁଙ୍କ ସମେତ ୭ ଜଣଙ୍କୁ କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ମନୋନୀତ କରାଯାଇଥିଲା। ପରିଶେଷରେ ଜିଲ୍ଲା ସମ୍ପାଦକ ଅର୍ଜୁନ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ଗଞ୍ଜାମ ଜିଲ୍ଲା ପ୍ରଭାରୀ ଲିଙ୍ଗରାଜ ସାହୁ, ରମେଶ ଚନ୍ଦ୍ର ଦାଶ, ବୃନ୍ଦାବନ ବେହେରା, ରମେଶ ଚନ୍ଦ୍ର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସହଯୋଗ କରିଥିଲେ।

# ଭାରତୀୟ ବାସ୍କେଟ୍‌ବଲ୍ ପୁରୁଷ ଦଳର ମ୍ୟାନେଜର ହେଲେ ଅଶୋକ ସାହୁ

ବ୍ରହ୍ମପୁର, ୧୮ ।୨(ସମିସ)

ଗଞ୍ଜାମ ଜିଲ୍ଲାର କ୍ରୀଡ଼ା ସଂସଦ ତଥା ଓଡ଼ିଶା ବାସ୍କେଟବଲ୍(ପୁରୁଷ) ଦଳର ସମ୍ପାଦକ ଅଶୋକ ସାହୁଙ୍କୁ ଭାରତୀୟ ବାସ୍କେଟବଲ୍ ପୁରୁଷ ଦଳର ମ୍ୟାନେଜର ଭାବରେ ନିଯୁକ୍ତି ପ୍ରଦାନ କରାଯାଇଛି। ବାସ୍କେଟବଲ ଫେଡେରେସନ୍ ଅଫ୍ ଇଣ୍ଡିଆ ପକ୍ଷରୁ ଏହି ନିଯୁକ୍ତି ଦିଆଯାଇଛି। ଚଳିତ ମାସ ୨୦ତରିଖରେ କିରର୍ଜିଜିସ୍ଥାନରେ ଫିବା ବିଶ୍ୱକପ୍ ଅନୁଷ୍ଠିତ ହେବାକୁ ଥିବା ବେଳେ ଏସିଆ କପରେ ଉତ୍ତୀର୍ଣ୍ଣ ହୋଇଥିବା ଦଳ ଏଥିରେ ଭାଗ ନେବେ। ସେହିକ୍ରମେ ଭାରତୀୟ ଦଳ କିରର୍ଜିଜିସ୍ଥାନ ଅଭିମୁଖେ ଯାତ୍ର ଆରମ୍ଭ କରିଛି। ଏଥିରେ ଭାରତର ୧୨ ଜଣ ଖେଳାଳି ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଏହା ସହ ୨ଜଣ



ଲେଖାଏଁ କୋଚ ଓ ଫିଜିଓଙ୍କ ସମେତ ଶ୍ରୀ ସାହୁ ମ୍ୟାନେଜର ଭାରେଙ୍କ ଯାତ୍ରା କରୁଛନ୍ତି। ଏଥି ନିମନ୍ତେ ଜିଲ୍ଲା କ୍ରୀଡ଼ା ସଂଘର ଶରତ ମହାପାତ୍ର, ବସନ୍ତ ପାଣିଗ୍ରାହୀ, ଉପେନ୍ଦ୍ର ପଟ୍ଟନାୟକଙ୍କ ସମେତ ଜିଲ୍ଲାର ସମସ୍ତ କୋଚ୍ ଏବଂ ବାସ୍କେଟବଲ୍ ଖେଳାଳିମାନେ ଶୁଭେଚ୍ଛା ଜଣାଇଛନ୍ତି।

**ଜାତୀୟସ୍ତରୀୟ ବିଜୁ ପଟ୍ଟନାୟକ ସ୍ମାରକୀ କ୍ରିକେଟ୍ ଟ୍ରଫି**

# ବ୍ରହ୍ମପୁର ଲିଡ୍‌ସ ସ୍ପୋର୍ଟିଂ କ୍ଲବ୍ ଓ ଆଲ୍‌ଫା ରାଇଜିଂ ଷ୍ଟାର୍ ବିଜୟୀ

ବ୍ରହ୍ମପୁର, ୧୮ ।୨(ସମିସ)

ବ୍ରହ୍ମପୁର ଷ୍ଟାଡିୟମରେ ଚାଲିଥିବା ୧୪ତମ ବିଜୁ ପଟ୍ଟନାୟକ ସ୍ମାରକୀ ସର୍ବଭାରତୀୟ କ୍ରିକେଟ ଟ୍ରଫି ରବିବାର ଦ୍ୱିତୀୟ ଦିନରେ ପହଞ୍ଚିଛି।




ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ୧୭ ତାରିଖଠାରୁ ଆରମ୍ଭ ହୋଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିରେ ବିଭିନ୍ନ ରାଜ୍ୟର ୧୨ଟି ଦଳ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ଶନିବାର ପ୍ରଥମ ମ୍ୟାଚ୍ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କ୍ଲବ ବନାମ ବ୍ରହ୍ମପୁରର ଲିଡସ ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମେଶ୍ୱର ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂର ନିଷ୍ପତ୍ତି ନେଇଥିଲେ। ଦଳ ପକ୍ଷରୁ ନିର୍ଦ୍ଧାରିତ ୨୦ ଓଭରରେ ମ୍ୟାଚ ଖେଳି ୧୯.୨ ଓଭରରେ ୧୧୭ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ବ୍ରହ୍ମପୁରର ଲିଡସ ସ୍ପୋର୍ଟିଂ କ୍ଲବ ପକ୍ଷରୁ ୨ ୱିକେଟ ବିନିମୟରେ ୧୪.୫ ଓଭରରେ ୧୧୮ ରନ୍ ସଂଗ୍ରହ କରିଥିଲା। ଏହି ମ୍ୟାଚ ବ୍ରହ୍ମପୁରର ଲିଡସ ସ୍ପୋର୍ଟିଂ କ୍ଲବ ବିଜୟ ଲାଭ କରିଥିଲା। ମ୍ୟାନ ଅଫ ଦି ମ୍ୟାଚ ଭାବେ ଏମ ସୁରିଆ କିରନକୁ ବିବେଚିତ କରାଯାଇଥିଲା। ସେ ୩୭ ବଲ୍‌ରେ ୫୭ ରନ୍ ସଂଗ୍ରହ କରିଥିଲେ। ମ୍ୟାଚରେ ଅମ୍ପାୟର ଭାବେ ଦିଲ୍ଲୀପ କୁମାର ସାମଲ ଓ ସୁଶାନ୍ତ କୁମାର ପଣ୍ଡା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସୁଶିଲ କୁମାର ସୌନ୍ଦର୍ଯ୍ୟ ଦାୟିତ୍ୱ ଥିଲେ। ରବିବାର ଆଲଫା ରାଇଜିଂ ଷ୍ଟାର ଓ ରେଡଷ୍ଟାର କ୍ଲବ ଜୁନାଗଡ଼ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଲଫା ରାଇଜିଂ ଷ୍ଟାର ଦଳ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୦ ଓଭର ଖେଳି ୯ ୱିକେଟ ବିନିମୟରେ ୧୩୧ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ରେଡଷ୍ଟାର କ୍ଲବ ୨୦ ଓଭରରେ ୯ ୱିକେଟ ହରାଇ ଖେଳି ୧୨୨ରନ କରିବାରେ ସକ୍ଷମ ହୋଇଥିଲେ।

ଏହି ମ୍ୟାଚକୁ ୯ ରନରେ ଆଲଫା ରାଇଜିଂ ଷ୍ଟାର ବିଜୟଲାଭ କରିଥିଲେ। ଏହି ଦଳର ମ୍ୟାନ ଅଫ ଦି ମ୍ୟାଚ ଭାବେ ସମୀର ସାହୁ ବିବେଚିତ ହୋଇଥିଲେ। ସେ ୩୮ ବଲ ଖେଳି ୪୮ ରନ ସଂଗ୍ରହ କରିଥିଲେ। ଏହି ଅବସରରେ ଅତିଥିଭାବେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁରେନ୍ଦ୍ର ପଟ୍ଟନାୟକ, ଡମ୍ବୁରୁଧର ଗନ୍ତାୟତ, ଷ୍ଟାଡିୟମ ଇନଚାର୍ଜ ଗୋପାଳ ଦାସ, ଗଞ୍ଜାମ ଟେନିସ ବଲ କ୍ରିକେଟ ଆସୋସିଏସନର ସମ୍ପାଦକ ସଞ୍ଜିବ ବିଷୋୟୀ ଯୋଗ ଦେଇଥିଲେ।




## ଅନ୍ତେବାସୀ ନିଖୋଜ; ଥାନାରେ ଅଭିଯୋଗ

ବ୍ରହ୍ମପୁର, ୧୮ ।୨(ସମିସ): ଗୋପାଳପୁର ଅଞ୍ଚଳର ଏକ ଆଶ୍ରମରୁ ଜଣେ ଅନ୍ତେବାସୀ ନିଖୋଜ ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପ୍ରକାରେ ବାଳିକା ଜଣଙ୍କ ଗତ ଶୁକ୍ରବାର ରାତିରେ ପାଚେରି ଡେଇଁ କେଉଁ ଆଡ଼େ ପଳାଇ ଯାଇଥିବା ଜଣାଯାଇଛି। ଆଶ୍ରମ ମଧ୍ୟରେ ବାଳିକା ଜଣକ ଅନୁପସ୍ଥିତ ଥିବା ଜଣାପଡ଼ିବା ପରେ ସେଠାର କର୍ମଚାରୀ ଖୋଜା ଖୋଜି କରିଥିଲେ। କୌଣସି ଖୋଜ ଖବର ମିଳିନଥିଲା। ଏନେଇ କର୍ତ୍ତୃପକ୍ଷ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି।



# ବସ୍ ସହ ସ୍କୁଟି ଧକ୍କା; ୨ ମୃତ



**ଆସିକା,୧୮ ।୨(ସମିସ):** କୋଟିନଡ଼ା ଥାନା ଡିପଲ ସ୍କୁଲ ନିକଟରେ ରବିବାର ଭୋରରେ ଦୀପକ ନାମକ ଯାତ୍ରୀବାହୀ ବସ୍ ସହ ସ୍କୁଟିର ମୁହାଁମୁହିଁ ଧକ୍କା ହୋଇଛି । ଫଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ମାନେ ହେଲେ ବ୍ରହ୍ମପୁର ଗୋଷାଣୀନୂଆଁଗାଁ ଅଞ୍ଚଳର କୁନାଲ ସାହୁ ଓ କେ.ରାଜେଶ । ପୁଲିସ ମୃତଦେହ ଜବତ କରିବା ସହ ଦୁର୍ଘଟଣାଗ୍ରସ୍ତ ବସ୍ ଜବତ କରି ଡ୍ରାଇଭରକୁ ଅଟକ ରଖିଛି । ବସ୍‌ଟି ଆସିକାରୁ ଭୁବନେଶ୍ୱର ଯାଉଥିବା ବେଳେ କଲେଜ ଛକ ପଟୁ ଆସିକା ଦିଗରେ ଆସୁଥିବା ସ୍କୁଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ଘଟଣାସ୍ଥଳରେ ଦୁଇ ସ୍କୁଟି ଆରୋହୀଙ୍କ ମୃତ୍ୟୁ ଘଟିଛି । କୁନାଲ ଓ ରାଜେଶ କବିସୂର୍ଯ୍ୟନଗର ଅଞ୍ଚଳରେ ଏକ ବାହାଘର ଭୋଜିରେ ବେଲୁନ ସଜାଇ ଭୋର ସମୟରେ ଘରକୁ ଫେରୁଥିବାବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଏନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି ।

# ଟାଲେଣ୍ଟ ହଣ୍ଟ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଧରାକୋଟ,୧୮ ।୨(ସମିସ): ସ୍ଥାନୀୟ ଜାନିବିଲିସ୍ଥିତ ଟାଲେଣ୍ଟ ହଣ୍ଟ ଇଂରାଜୀ ବିଦ୍ୟାଳୟର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ତହସିଲଦାର ଲମ୍ବୋଦର ମାରାଣ୍ଡି, ମୁଖ୍ୟବକ୍ତା ଭାବେ ବିଇଓ କାର୍ଯ୍ୟାଳୟର ବରିଷ୍ଠ ସହାୟକ ଭିକାରୀ ଚରଣ ସାହୁ, ସ୍ୱତନ୍ତ୍ର ଅତିଥି ଭାବେ ଡ. ବିମଳ ପ୍ରସାଦ ପଟ୍ଟନାୟକ, ମୁଖ୍ୟ ଉପଦେଷ୍ଟା ଯୁଧିଷ୍ଠିର ସ୍ୱାଇଁ, ସମ୍ମାନିତ ଅତିଥି ଭାବରେ ଶିକ୍ଷାବିତ୍ ବୃନ୍ଦାବନ ସ୍ୱାଇଁ, ଲିଙ୍ଗରାଜ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ । ବିଦ୍ୟାଳୟ ସଭାପତି ସିମାଦ୍ରି ସ୍ୱାଇଁ ଏଥିରେ ସଭାପତିତ୍ୱ କରିଥିଲାବେଳେ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ବିଷୋୟୀ ବିବରଣୀ ପାଠ କରିଥିଲେ । ଲିଜା ବିଷୋୟୀ ଓ କାଜଲ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ । ଅତିଥିମାନେ ଆଧୁନିକ ଶିକ୍ଷା ପ୍ରଣାଳୀ, ବୌଦ୍ଧିକ ଶିକ୍ଷା, ସଂସ୍କାରମୂଳକ ଶିକ୍ଷା ଓ ଚରିତ୍ର ଗଠନ ଉପରେ ମତ ରଖିଥିଲେ । ଶିକ୍ଷୟିତ୍ରୀ ସୋନାଲି, ରଶ୍ମୀ, ସାବିତ୍ରୀ, ସ୍ୱତୋଞ୍ଜଳି, ଦୀପ୍ତିମୟି ଓ ପୂଜା ସହାୟତା ପ୍ରଦାନ କରିଥିଲେ । ସୁନିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# କରୁଣାକର ହାଇସ୍କୁଲର ବାର୍ଷିକ ଉତ୍ସବ



ପାତ୍ରପୁର,୧୮ ।୨(ସମିସ): ପାତ୍ରପୁରସ୍ଥିତ କରୁଣାକର ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ୪୬ତମ ବାର୍ଷିକ ଉତ୍ସବ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କବିରାଜ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାତ୍ରପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱରୂପ ରଞ୍ଜନ ମହାନ୍ତି ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଷମା ନନ୍ଦ ସମ୍ମାନିତ ଅତିଥି ଭାବେ ସିଆରସିସି ଗିରିଜା ଶଙ୍କର ନାୟକ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରବିନ୍ଦ୍ର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥିମାନେ ବିଦାୟ ନେଉଥିବା ଛାତ୍ରଛାତ୍ରୀଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ନିମନ୍ତେ କଠିନ ପରିଶ୍ରମ କଲେ ସଫଳତା ହାସଲ ହୋଇପାରିବ ବୋଲି ପ୍ରକାଶ କରିଥିଲେ । କେ. ମିଥୁନ୍ ମଞ୍ଚ ପରିଚାଳନା କରିଥିବାବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

ଗାଁମୁହାଁ ହାତୀପଲ

# ବ୍ୟାପକ ପନିପରିବା ଓ ଫସଲ ନଷ୍ଟ

**ଶେରଗଡ଼,୧୮ ।୨(ସମିସ)**

ଏକ ୧୨ ଟିକିଆ ହାତୀପଲ କିଛି ଦିନ ହେବ ଶେରଗଡ଼ ଓ ଏହାର ଆଖପାଖ ଅଞ୍ଚଳରେ ଖାଦ୍ୟ ଅନ୍ୱେଷଣରେ ଗାଁ ଭିତରକୁ ପଶି ଆସିବା ସହ ଫସଲ ନଷ୍ଟ କରୁଛନ୍ତି । ଏହି ହାତୀପଲ ବଡଗଡ ରେଞ୍ଜ ଲାଠିପଡା ଜଙ୍ଗଲରୁ ଆସି ସୁରମଣି, ନୂଆଁଗଡ, ଷଡଙ୍ଗୀପଲ୍ଲୀ, ଶୋଭାଚନ୍ଦ୍ରପୁର ଦେଇ ନରେନ୍ଦ୍ରପୁର ନିକଟସ୍ଥ କାଲୁଆ ପାହାଡରେ ଆସ୍ଥାନ ଜମାଇଛନ୍ତି । ହାତୀପଲରେ ୨ଟି ଦନ୍ତା, ୪ଟି ମାଇ ଏବଂ ୬ଟି ଛୁଆ ରହିଛନ୍ତି । ଶନିବାର ରାତିରେ ଏହି ହାତୀପଲ କାଲୁଆ ପାହାଡ଼ରୁ ଖାଦ୍ୟ ଅନ୍ୱେଷଣରେ ଓହ୍ଲାଇ ଆସି ନରେନ୍ଦ୍ରପୁର ପଞ୍ଚାୟତର ନରେନ୍ଦ୍ରପୁର ଏବଂ କିର୍ତ୍ତିପୁର ଗ୍ରାମର ଅଭିମନ୍ୟୁ ପ୍ରଧାନ, କବିରାଜ ପାତ୍ର, ପ୍ରଭାକର ପାତ୍ର, ରାକେଶ ପ୍ରଧାନ, ବାବୁଲା ପ୍ରଧାନ, ପ୍ରମିଳା ପାତ୍ର, ନାରାୟଣ ବେହେରା, କାଳୁ ଚରଣ ପାତ୍ର, ଅରକ୍ଷିତ ସ୍ୱାଇଁ, ବାବୁଲା ନାୟକ, ଦିବାକର ସ୍ୱାଇଁ, ଜୁରିଆ ପ୍ରଧାନ, ଉପେନ୍ଦ୍ର ସ୍ୱାଇଁ, ବଂଶୀଧର ପାତ୍ର, ପ୍ରଭାକର ସାହୁ, ମୁରଲୀ ପାତ୍ର, କରୁଣାକର ସ୍ୱାଇଁ, ଗଙ୍ଗାଧର ପୋଲେଇ, ରାଜୁ ପାତ୍ର, କୈଳାସ ଚନ୍ଦ୍ର ପ୍ରଧାନ, କଂଗ୍ରେସ ପ୍ରଧାନ, ଡମ୍ବରୁ ଧର ପାତ୍ର, କାମନା ସ୍ୱାଇଁ, ସୁରେନ୍ଦ୍ର ସ୍ୱାଇଁ, ଗୋପାଳ ସ୍ୱାଇଁ, ଦିଲ୍ଲୀପ ଭୂୟାଁ, ଦେବେନ୍ଦ୍ର ପାତ୍ର, ବିପିନ ବିହାରୀ ପାତ୍ର, ଗଜେନ୍ଦ୍ର ପାତ୍ର, ଚନ୍ଦ୍ରଶେଖର ନାୟକ, ଶାନ୍ତି ପାତ୍ର, ସନ୍ୟାସୀ ସ୍ୱାଇଁ, ଲିଙ୍ଗରାଜ ଜେନା ଏବଂ ଚିତ୍ରସେନ ପାତ୍ରଙ୍କ ପନିପରିବା ସହ ଧାନଗଦା ନଷ୍ଟ କରିଛି । ଖବର ପାଇ ଭଞ୍ଜନଗର ଡିଭିଜନର ପାଟ୍ରୋଲିଂ ଟିମ, ଆସିକା ରେଞ୍ଜର ସମସ୍ତ କର୍ମଚାରୀ, ଶେରଗଡ ସେକ୍ସନର ସମସ୍ତ କର୍ମଚାରୀଙ୍କ ସହ ସ୍ଥାନୀୟ ଯୁବକ ଏବଂ ଅଞ୍ଚଳବାସୀ ରାତି ଉଜାଗର ରହି ହାତିର ଗତିବିଧି ଉପରେ ନଜର ରଖିଥିବା ଫରେଷ୍ଟର ମୋହନ ଚାନ୍ଦ ପ୍ରଧାନ ପ୍ରକାଶ କରିଛନ୍ତି । କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ଲାଗି ଗ୍ରାମବାସୀ ଦାବି କରିଛନ୍ତି ।

# କଡ଼ା ସୁରକ୍ଷା ମଧ୍ୟରେ ମାଟ୍ରିକ ପ୍ରଶ୍ନପତ୍ର

**ବୁଗୁଡ଼ା,୧୮ ।୨(ସମିସ):** ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ୨୦ ଫେବୃୟାରୀରୁ ମାର୍ଚ୍ଚ ୪ ପର୍ଯ୍ୟନ୍ତ ହେବାକୁ ଥିଲାବେଳେ ସ୍ଥାନୀୟ ପିପୁଲ୍ସ ହାଇସ୍କୁଲରେ ନୋଡାଲ ସେଣ୍ଟର ସ୍ଥାପନ କରାଯାଇ ୨୪ ଘଣ୍ଟିଆ ପୁଲିସ ପ୍ରହରା ସହ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ରଖାଯାଇଛି । ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧୀନସ୍ଥ ୧୦ଟି ପରୀକ୍ଷା କେନ୍ଦ୍ରରେ କିପରି ସୁରକ୍ଷିତ ଭାବେ ପ୍ରଶ୍ନପତ୍ର ପହଞ୍ଚି ପାରିବ ସେନେଇ ନୋଡାଲ ସେଣ୍ଟର ସୁପରିଟେଣ୍ଡେଣ୍ଟ କାଳୀଚରଣ ବେହେରା ଓ ଡେପୁଟି ସୁପରିଟେଣ୍ଡେଣ୍ଟ ତପନ କୁମାର ପାଢୀଙ୍କ ନେତୃତ୍ୱରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ପିପୁଲ୍ସ ହାଇସ୍କୁଲ ନୋଡାଲ୍ ସେଣ୍ଟର ଅଧୀନରେ ବାଲିପଦର ହାଇସ୍କୁଲ, ପଙ୍କଲବାଡି ଆର.ଏ.ହାଇସ୍କୁଲ, ତାଳସାକର ମହାମାୟୀ ହାଇସ୍କୁଲ, ବୁଗୁଡ଼ା ଏସ୍‌ବିଏନ୍ ଗାର୍ଲସ୍ ହାଇସ୍କୁଲ ଓ ପିପୁଲ୍ସ ହାଇସ୍କୁଲ, ବୀରଧନଞ୍ଜୟପୁର ବୁଦ୍ଧଗିରି ବିଦ୍ୟାପୀଠ, ବି.କରଡ଼ାବାଡ଼ିର ଏସ୍.ଏ.ବିଦ୍ୟାପୀଠ, ମାଣିତରା ରିଜିଓନାଲ ହାଇସ୍କୁଲ, କରତୁଲି ଶକୁନ୍ତଳା ବିଦ୍ୟାପୀଠ ଆଦି ୧୦ଟି ପରୀକ୍ଷା କେନ୍ଦ୍ର ରହିଥିବା ଜଣାଯାଇଛି ।

# ବିବାହ ବନ୍ଧନରେ ବାନ୍ଧିହେଲେ ଦିବ୍ୟାଙ୍ଗ ପ୍ରେମୀଯୁଗଳ



**କବିସୂର୍ଯ୍ୟନଗର,୧୮ ।୨(ସମିସ):** ଗଞ୍ଜାମ ଜିଲ୍ଲାର ବରକୁ ଜଗତସିଂହପୁର ବୋହୂ । ପରସ୍ପର ପାଠପଢା ସମୟରୁ ଦେଖାସାକ୍ଷାତ ହୋଇଥିଲା । ଠାର ମାଧ୍ୟମରେ ଭାବ ବିନିମୟ ହୋଇଥିଲା । ତାପରେ ଉଭୟ ଭଲ ପାଠ ପଢି ଚାକିରି କଲେ । ବିବାହ ବୟସ ଉପନୀତ ହେବାରୁ ପରସ୍ପର ନିଜ ନିଜ ବାପାମା'ଙ୍କୁ ନିଜ ମନକଥା କହିଲେ । ଜାତି ଭିନ୍ନ ଥିଲେ ବି ବାପାମା' ନିଜ ପୁଅଝିଅ ଭଲ ପାଇବାର ସ୍ୱୀକୃତି ପ୍ରଦାନ କଲେ । ରବିବାର କବିସୂର୍ଯ୍ୟନଗର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବିବାହ ସମ୍ପନ୍ନ ହୋଇଛି । କବିସୂର୍ଯ୍ୟନଗର ଏନଏସି ୱାର୍ଡନଂ୪, ଦୁଆର ସାହି ଭିକାରି ନାହାକ ଓ ସ୍ତ୍ରୀ ହଇମବତୀ ନାହାକଙ୍କ ତିନି ପୁଅ ଓ ଏକମାତ୍ର ଝିଅ । ତିନି ପୁଅ ମଧ୍ୟରେ ବଡ଼ପୁଅ କମଳ ଲୋଚନ ନାହାକ, ମଝିଆ ଦିବ୍ୟଲୋଚନ ନାହାକ, ସାନ ତ୍ରିଲୋଚନ ନାହାକ ଓ ଝିଅ ଉଷାରାଣି ନାହାକ । ତିନି ପୁଅ ମଧ୍ୟରେ କମଳଲୋଚନ ଓ ଦିବ୍ୟାଲୋଚନ ଦିବ୍ୟାଙ୍ଗ । ପିଲାଟି ଦିନରୁ ଦୁହେଁ ମୂକ, ବଧିର । ଏଣୁ ବାପା କମଳଲୋଚନକୁ ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ବାଣପୁରରେ, ଯୁକ୍ତ ଦୁଇ କଣାସ ଓ ଆଇଟିଆଇରେ ସ୍ଥାନୀୟ ସିନ୍ଦୁରିଆପଡା ପଢ଼ାନ୍ତି । ଫିଟର ଭାବେ ପାଶ କରିବା ପରେ ସେ ହାଇଦ୍ରାବାଦ ଚାକିରୀ କରନ୍ତି । ଇତିମଧ୍ୟରେ ସ୍କୁଲ ପଢୁଥିବା ସମୟର ସହପାଠୀଙ୍କୁ କମଳ ଆଦୌ ଭୁଲି ନ ଥିଲେ । ଏହି ମଧ୍ୟରେ ପିଲାଦିନର ସହପାଠୀ ପାଲଟିଯାଇଥିଲା ବାନ୍ଧବୀ କଳ୍ପନା । ହୃଦୟ ଦେଇ ବସିଥିଲେ ପରସ୍ପରକୁ । ନିଜ ଭଲ ପାଇବା ସାଉଁଟି ରଖିଥିଲେ ଦୁହେଁ । ଦୁହେଁ ଭୁଲି ନ ଥିଲେ ପରସ୍ପର ମଧ୍ୟରେ ଥିବା ଶାଶ୍ୱତ ପ୍ରେମକୁ । ଶେଷରେ ଦୁହେଁ ଦିବ୍ୟାଙ୍ଗ ଉଭୟ ପରିବାର ସ୍ୱୀକୃତିରେ ବିବାହ ବନ୍ଧନରେ ବାନ୍ଧି ହୋଇଗଲେ । ରବିବାର ଉଭୟ ପରିବାର ସେମାନେ ଦିବ୍ୟାଙ୍ଗ ବୋଲି ସବୁ ଦୁଃଖ ଭୁଲି ଯାଇଛନ୍ତି । ଉଭୟ ଦିବ୍ୟାଙ୍ଗ ବରକନ୍ୟାକୁ ଆଶିର୍ବାଦ ଦେବାପାଇଁ ଶତାଧିକ ଦିବ୍ୟାଙ୍ଗ ସାଙ୍ଗସାଥି, ଶୁଭେଚ୍ଛୁଙ୍କ ଭିଡ଼ ଲାଗିଥିଲା ।

# ଦଶମ ଶ୍ରେଣୀ ବିଦ୍ୟାର୍ଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା

**ବୁଗୁଡ଼ା,୧୮ ।୨(ସମିସ):** ସ୍ଥାନୀୟ ପିପୁଲ୍ସ ହାଇସ୍କୁଲ ପରିସରରେ ଦଶମ ଶ୍ରେଣୀ ଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ କାଳୀଚରଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାମଚନ୍ଦ୍ର ପାତ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବାସୁଦେବ ବେହେରା, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଦୋରା ପ୍ରମୁଖ ଯୋଗଦେଇ ପରୀକ୍ଷାର୍ଥୀମାନେ କିପରି ଚିନ୍ତାଗ୍ରସ୍ତ ନ ହୋଇ ଶୃଙ୍ଖଳିତ ଭାବେ ପରୀକ୍ଷା ଦେବେ ସେନେଇ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ରବୀନ୍ଦ୍ର ନାଥ ପୃଷ୍ଟି ମେମୋରିଆଲ୍ ଫଣ୍ଡ ଏବଂ କେ.ସରୋଜିନୀ ଦୋରା ମେମୋରିଆଲ୍ ଫଣ୍ଡରୁ କୃତି ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼ ଅତିଥି ପରିଚୟ ପ୍ରଦାନ ସାଙ୍ଗକୁ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।



# ବିଜେପିର 'ଗାଁକୁ ଚାଲ' ଅଭିଯାନ

**ରମ୍ଭା,୧୮ ।୨(ସମିସ):** ରବିବାର ରମ୍ଭା ଏନ୍‌ଏସିରେ ବଜେପିର ଗାଁକୁ ଚାଲ ଅଭିଯାନ ପ୍ରଚାର କରାଯାଇଥିଲା । ରମ୍ଭା ଏନଏସିର ଘୁମୁସରିଆ ଦଳିତ ବସ୍ତି ଓ ବନ୍ଧତଳ ଦଳିତ ସାହିରେ ଘରକୁ ଘର ଯାଇ ମୋଦିଙ୍କର କ୍ୟାଲେଣ୍ଡର ଓ ଲିଫଲେଟ ବାଣ୍ଟିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଯୋଜନା ପାଇଥିବା ହିତାଧିକାରୀମାନଙ୍କ ସହ ଯୋଜନାର ସୁଫଳର ବାର୍ତ୍ତା ପହଞ୍ଚାଇଥିଲେ । କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ଏସସି ମୋର୍ଚ୍ଚା ଜିଲ୍ଲା ସଭାପତି କିର୍ତ୍ତନ ଦାସ, ଏସସି ମୋର୍ଚ୍ଚା ଜିଲ୍ଲା ସାଧାରଣ ସମ୍ପାଦକ ଭୀମସେନ ବେହେରା, ଜିଲ୍ଲା ଏସସି ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ବାପି କୁମାର ଜେନା, ମହିଳା ମୋର୍ଚ୍ଚାର ନେତ୍ରୀ ବାସନ୍ତୀ ନାୟକ ଉପସ୍ଥିତ ଥିଲେ ।



# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ରୂପାନ୍ତରଣ

ସୋରଡ଼ା,୧୮ ।୨(ସମିସ): ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସି ମାଧ୍ୟମରେ ଗଞ୍ଜାମ ଜିଲ୍ଲାର ୧୩ଟି ରୂପାନ୍ତରିତ ହସ୍ପିଟାଲର ଲୋକାର୍ପଣ କରିଥିଲେ । ଏହି କ୍ରମରେ ସୋରଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମଧ୍ୟ ଲୋକାର୍ପଣ ହୋଇଥିଲା । ଏହି ଉତ୍ସବରେ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଏନ୍‌ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ଆସ୍କା ସମବାୟ ବ୍ୟାଙ୍କ ସୋରଡ଼ା ନିର୍ଦ୍ଦେଶକ ବସନ୍ତ କୁମାର ସ୍ୱାଇଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ପ୍ରଧାନ, ଜିଲ୍ଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସହକାରୀ ଯନ୍ତ୍ରୀ କୃପାଲିନି ଚୌଧୁରୀ, ସୋରଡ଼ା ସରକାରୀ ଡାକ୍ତରଖାନା ଅଧ୍ୟକ୍ଷ ସନ୍ତୋଷ କୁମାର ପଣ୍ଡା ଉଦ୍‌ଘାଟନ କରିଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି ।

# ଶନି ମନ୍ଦିର ପ୍ରତିଷ୍ଠାକୁ ନେଇ ଅସନ୍ତୋଷ

ଭଞ୍ଜନଗର,୧୮ ।୨(ସମିସ): ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବଡ଼କୋଦଣ୍ଡା ଗ୍ରାମର ଗୋପୀନାଥ ସ୍ୱାମୀ ବିଜେଙ୍କ ମନ୍ଦିର ପରିସରରେ ନୂତନ ଭାବେ ନିର୍ମାଣ ହେଇଥିବା ୩ଟି ମନ୍ଦିର ପ୍ରତିଷ୍ଠାକୁ ସ୍ଥଗିତ ରଖିବାକୁ ଗ୍ରାମବାସୀ ଜଣାଇଛନ୍ତି । ଗ୍ରାମ ମଧ୍ୟରେ ଶନିଦେବଙ୍କ ମନ୍ଦିର ରହିଲେ ଏହା ଗ୍ରାମ ପାଇଁ ଶୁଭଙ୍କର ନୁହେଁ ବୋଲି ବହୁ ଗ୍ରାମବାସୀ ମତ ଦେଇଛନ୍ତି । ତେଣୁ ଗୋପୀନାଥ ସ୍ୱାମୀ ବିଜେ ମନ୍ଦିରର ନୂତନ ଭାବେ ଗଠିତ ହୋଇଥିବା କମିଟି ଏବଂ ଗ୍ରାମବାସୀ ଗତମାସ ୨୯ତାରିଖରେ ମନ୍ଦିର ପରିସରରେ ନିର୍ମାଣ ହୋଇଥିବା ନୂତନ ମନ୍ଦିର ସମ୍ପର୍କରେ ଏକ ଅଭିଯୋଗ ପତ୍ର ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ । ଏଥିରେ ଗ୍ରାମର ଯାମି.ବିଶ୍ୱଜିତ ପୃଷ୍ଟି, ବୁଢା ନିଜର ପୈତୃକ ସମ୍ପତ୍ତି ଦର୍ଶାଇ ଉକ୍ତ ଜାଗାରେ ନୂତନ ମନ୍ଦିର ସବୁ ବଳ ପୂର୍ବକ ନିର୍ମାଣ କରିଛନ୍ତି ଏବଂ ତାହାକୁ ପ୍ରତିଷ୍ଠା କରିବାକୁ ପ୍ରସ୍ତୁତି ଚଳାଇଛନ୍ତି ବୋଲି ଉଲ୍ଲେଖ ରହିଛି । ଏହାର ଉପଯୁକ୍ତ ତଦନ୍ତ ପାଇଁ ଉପଜିଲ୍ଲାପାଳ ତହସିଲ୍‌ଦାର, ଘୁମୁସରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବଡକୋଦଣ୍ଡା ରାଜସ୍ୱ ନିରୀକ୍ଷକ ଉକ୍ତ ଜାଗାର ପରିସୀମା ନିର୍ଦ୍ଧାରଣ ପାଇଁ କହିଥିଲେ । ଗତ ୧୫ ତାରିଖରେ ଆରଆଇ ଗ୍ରାମବାସୀ ଓ ଟ୍ରଷ୍ଟିଙ୍କ ଉପସ୍ଥିତିରେ ନୂତନ ଭାବେ ନିର୍ମାଣ ହୋଇଥିବା ମନ୍ଦିରର ଜାଗା ଗୋପୀନାଥ ମନ୍ଦିର ଟ୍ରଷ୍ଟ ଅଧୀନରେ ପଞ୍ଜିକୃତ ହୋଇଥିବା ଏବଂ ଏହି ଟ୍ରଷ୍ଟ ଦେବୋତ୍ତର ବିଭାଗ, ଓଡ଼ିଶା ସରକାରଙ୍କ ଅଧୀନସ୍ଥ ଥିବା ଜଣାପଡିଥିଲା । ସେହି ପ୍ଲଟଗୁଡିକ ହେଲା ୩୦୫୨, ୩୦୫୪, ୩୦୫୫ ଓ ୩୦୫୬୮ । ତେଣୁ ଏହାର ସଠିକ ବିଚାର ହେବା ପର୍ଯ୍ୟନ୍ତ ଉକ୍ତ ସ୍ଥାନକୁ ନିଷିଦ୍ଧ ଘୋଷଣା କରିବାକୁ ଗ୍ରାମର ରଙ୍କନିଧି ସ୍ୱାଇଁ, ବାସୁଦେବ ସାହୁ, ଚିତ୍ରସେନ ବିଷୋୟୀ, ସୁଜିତ କୁମାର ସାହୁ,ବିକ୍ରମ ପ୍ରଧାନ, ବିଶ୍ୱଜିତ ମହାରଣା, ଭାସ୍କର ନାୟକ, ଭୋଲା ବାଡ଼ତ୍ୟା, ଅଜୟ କୁମାର ସ୍ୱାଇଁ, ଜିତୁ ଗୌଡ଼, ତୋଫାନ ସ୍ୱାଇଁ ଓ ଅନ୍ୟମାନେ ଦାବି କରିଛନ୍ତି ।

# କନ୍ୟା ଯାତ୍ରୀ ଟ୍ରକ୍ ଓଲଟି ୨ ଆହତ



**ଧରାକୋଟ,୧୮ ।୨(ସମିସ):** ଧରାକୋଟ ବ୍ଲକର କୁଶଗୁମା ଗ୍ରାମରୁ ବିବାହ ଉତ୍ସବରେ ଯୋଗ ଦେବା ପାଇଁ ସିଙ୍ଗିପୁରୁ ଯାଇ ସେଠାରୁ କନ୍ୟା ଯାତ୍ରୀଙ୍କୁ ନେଇ ଫେରୁଥିବା ବେଳେ ଟ୍ରକଟି ଜାହାଡା ପଞ୍ଚାୟତ ଅନ୍ତର୍ଗତ ଲଟାପଲୀ ଗାଁ ନିକଟରେ ଭାରସାମ୍ୟ ହରାଇ ରାସ୍ତାକଡ଼କୁ ଓଲଟି ଯିବା ଫଳରେ ଡ୍ରାଇଭର ସମେତ ଦୁଇଜଣ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଆଜି କୁଶଗୁମା ଗ୍ରାମରୁ ଉମାଶଙ୍କର ସ୍ୱାଇଁଙ୍କ ଝିଅର ବାହାଘର ପାଇଁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ କନ୍ୟା ଯାତ୍ରୀ ଝିଅକୁ ଛାଡ଼ିବା ପାଇଁ ଏକ ଟ୍ରକ୍ ଯୋଗେ ସିଙ୍ଗିପୁରୁ ଗ୍ରାମକୁ ଯାଇଥିଲେ । ସେଠାରୁ ଭୋଜି ଖାଇ ଫେରିବା ସମୟରେ ଟ୍ରକଟି ଭାରସାମ୍ୟ ହରାଇ ଲଟାପଲୀ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼କୁ ଓଲଟି ପଡ଼ିଥିଲା । ଏଥିରେ ଡ୍ରାଇଭର ଓ କୁଶଗୁମା ଗ୍ରାମର ବସନ୍ତ ସ୍ୱାଇଁ ଆହତ ହୋଇଥିଲେ । ଖବର ପାଇ ଧରାକୋଟ ଥାନା ପୁଲିସ, ଧରାକୋଟ ଦମକଳ ବାହିନୀ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିଥିଲେ । ଆହତ ମାନଙ୍କୁ ଧରାକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିବା ପରେ ତାଙ୍କୁ ଅଧିକା ଚିକିତ୍ସା ପାଇଁ ଆସିକା ସ୍ଥାନାନ୍ତର କରାଯାଇଛି ।

# ସାମାଜିକ ନାଟକ 'ଲୁହ ସବାରୀ' ମଞ୍ଚସ୍ଥ

**ରମ୍ଭା,୧୮ ।୨(ସମିସ)**

୧୧ତମ ସରସ୍ୱତୀ ପୂଜା ଉପଲକ୍ଷେ ମିଞ୍ଜିଣୀପାଟଣା ଭଗତ ସିଂ ଛାତ୍ର ସଂଘ ଆନୁକୂଲ୍ୟରେ ଶ୍ରେଷ୍ଠ ସାମାଜିକ ନାଟକ "ଲୁହ ସବାରୀ' ମଞ୍ଚସ୍ଥ ହେଇଯାଇଛି । ବ୍ରଜବନ୍ଧୁ ବେହେରାଙ୍କ ରଚନା ଓ ନାଟ୍ୟ ନିର୍ଦ୍ଦେଶକ ଟୁଟୁ ପାଢ଼ୀଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ଅନୁଷ୍ଠିତ ନାଟକକୁ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା (ମୁଖ୍ୟ ଅତିଥି), ଛତ୍ରପୁର ବିଧାୟକ ପ୍ରାର୍ଥି ଭାଗିରଥି ବେହେରା (ମୁଖ୍ୟ ବକ୍ତା), ଛତ୍ରପୁର ବ୍ଲକ ସଭାପତି ଅବନୀ ଶତପଥୀ, ଆସିକା ସାଂସଦ ପ୍ରତିନିଧି ଅମୀର ଭୂୟାଁ, ଯୁବ ସମାଜସେବୀ ପ୍ରତାପ ପ୍ରଧାନ, ଗ୍ରାମ୍ୟ ସଭାପତି ଆର ସୋମନାଥ ରେଡି, ସମ୍ପାଦକ ବି ଦଣ୍ଡପାଣି



ପାତ୍ର, ତାରିଣୀ ଚରଣ ପାତ୍ର, ଟି ଗୋବିନ୍ଦ ପାତ୍ର, ଟି. ରାମାୟା ପାତ୍ର, ରେଡି ସଂଘ ନାଇଡୁ, ଏନ. ନାରାୟଣ ରେଡି,୧୨ନଂ କାଉନସିଲର କ୍ଷେତ୍ର ମୋହନ ବେହେରା, ଜେ. ଭାସ୍କର ପାତ୍ର, ଗଣମାଧ୍ୟମ ପ୍ରତିନିଧି ନୀଳାଞ୍ଚଳ ସେନାପତି ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ରହିଥିଲେ । ଅଭିଭାଷଣ ମାଧ୍ୟମରେ ଉପସ୍ଥିତ ଦର୍ଶକ, କଳାକାର, ସଚେତନ ନାଗରିକ, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍‌ମାନଙ୍କୁ ବିଧାୟକ ରମେଶ ଚନ୍ଦ୍ର ଜେନା ମହାପୁରୁଷ ଆମ୍ବେଦକରଙ୍କ ଜୀବନୀ ବିଷୟରେ ଉଦ୍‌ବୋଧନ ଦେଇଥିଲେ । ଚିତ୍ରାଳୟ ଅଳକା (ଗଞ୍ଜାମ), ମ୍ୟୁଜିକ -ଚୂଡ଼ାମଣି, ସଂଯୋଜନା ଏନ. ଡମ୍ବରୁ ପାତ୍ର କରିଥିଲେ । ଜେ. ଜଗନ୍ନାଥ ପାତ୍ର, ବି. ବନମାଳୀ ପାତ୍ର, ସି. ନିକ୍ଲେଶ ପାତ୍ର, ଏ. ଦୁଃଶାସନ ପାତ୍ର, ଅମିତ, ତୋଫାନ, ଏମ. ଟିକ, ଆର. ନାରାୟଣ ରେଡି, ବି. ଭାସ୍କର ପାତ୍ର, ପି. ଶ୍ରୀକାନ୍ତ ପାତ୍ର, ଏନ. ଚିନା ପାତ୍ର, ଏସ. ଭୀମା ପାତ୍ର ନାରୀ ଅଭିନେତ୍ରୀ ବିନ୍ଦୁ, ରୁବି, ପୂଜା, କଣ୍ଢେଇ, ରୁଜି ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ।

## ରାଜସ୍ଥାନ କର୍ମଶାଳାରେ ଗଜପତି ଜିଲ୍ଲାର ଦୁଇ ସରପଞ୍ଚ



**ପାରଳାଖେମୁଣ୍ଡି, ୧୮ ।୨(ସମିସ):** ଆକାଂକ୍ଷା ଭାରତ ସହଯୋଗୀ କାର୍ଯ୍ୟକ୍ରମ ଅନ୍ତର୍ଗତ ଓଡ଼ିଶାର ୧୦ ଆକାଂକ୍ଷା ଜିଲ୍ଲା ଓ ୨୦ ଆକାଂକ୍ଷା ବ୍ଲକର ଚୟନ ସରପଞ୍ଚଙ୍କୁ ନେଇ ତିନିଦିନିଆ କର୍ମଶାଳା ପିରାମଲ ଫାଉଣ୍ଡେସନ୍ ପକ୍ଷରୁ ରାଜସ୍ଥାନର ବାଗରରେ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା, ଛତିଶଗଡ଼, କେରଳ, ଝାଡ଼ଖଣ୍ଡ ଓ ହିମାଚଳ ପ୍ରଦେଶର ସମସ୍ତ ସରପଞ୍ଚଙ୍କୁ ନିଜର ବ୍ୟକ୍ତିତ୍ୱକୁ ବୁଝିବା, ଦଳଗତ କାର୍ଯ୍ୟ କରିବା, ଗ୍ରାମ ପଞ୍ଚାୟତର କାର୍ଯ୍ୟଶୈଳୀକୁ ବୁଝିବା, ପଞ୍ଚାୟତସ୍ତରୀୟ ଯୋଜନା ଓ ସୁବିଧା ପ୍ରଦାନକାରୀ ଦଳର ପଞ୍ଚାୟତର ବିକାଶ ଯୋଜନା ବନେଇବାରେ ଭୂମିକା ସହ ଆଉ କେତେକ ବିଷୟରେ ପ୍ରଶିକ୍ଷଣ ଦିଆଯାଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସରପଞ୍ଚ ଉତ୍ସାହର ସହ ଶିଖିବା ସହ ଆଗାମୀ ଦିନରେ ନିଜର ପଞ୍ଚାୟତକୁ ସଶକ୍ତ କରିବା ନେଇ ସଂକଳ୍ପ ନେଇଥିଲେ । କର୍ମଶାଳାରେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକର ସୁଭାନିତ ରଇତ ଓ ଆର.ଉଦୟଗିରି ବ୍ଲକର ଶ୍ରୀଧର ପ୍ରଧାନ ଯୋଗ ଦେଇଥିଲେ ।

## ବୈଷୟିକ ଶିକ୍ଷା ଓ ତାଲିମ ପରାମର୍ଶ ମେଳା



ପୋଲସରା, ୧୮ ।୨(ସମିସ): ପୋଲସରା ବ୍ଲକସ୍ତରୀୟ ବୈଷୟିକ ଶିକ୍ଷା ଓ ତାଲିମ ନିମନ୍ତେ ପରାମର୍ଶ ମେଳା ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିପିଏମ ଗଙ୍ଗାଧର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ମେଳାରେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ । ସମ୍ମାନିତ ଅତିଥି ଭାବେ ପୋଲସରା ବିଡିଓ କୁରେଶ୍ ଚନ୍ଦ୍ର ଜାନୀ, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଝୁନୁ ଦାଶ, ବିକ୍ରମ କୁମାର ନାୟକ, ଗଞ୍ଜାମ କର୍ମସଂସ୍ଥାନ ପଞ୍ଜୀକରଣ ସହକାରୀ ନିର୍ଦ୍ଦେଶକ ଛତ୍ରପୁର, ବ୍ଲକ ଉପାଧ୍ୟକ୍ଷ କାହ୍ନୁଚରଣ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ । ଏହି ମେଳାରେ ୧୯୦ ଜଣ ଶିବିରାର୍ଥୀ ନାମ ପଞ୍ଜୀକରଣ କରିଥିବାବେଳେ ସେମାନଙ୍କୁ ଅତିଥି ବୃନ୍ଦ ବୈଷୟିକ ତାଲିମର ଉପକାରିତା ବିଷୟରେ ଧାରଣା ପ୍ରଦାନ କରିଥିଲେ । ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରୁ ୭ ଜଣ ଟେକିନ୍ସିଆନ ଯୋଗଦେଇ ସେମାନଙ୍କ ଅନୁଷ୍ଠାନରେ ତାଲିମ ଦିଆଯାଉଥିବା ବିଭିନ୍ନ ଟ୍ରେଡ୍ ବିଷୟରେ କହିବା ସହ ସୁବିଧା ସୁଯୋଗ ବିଷୟରେ କହିଥିଲେ । ସମସ୍ତ ଶିବିରାର୍ଥୀ ତାଲିମ ପାଇଁ ଯିବାକୁ ସମ୍ମତି ପ୍ରଦାନ କରିଥିବା ଜଣାପଡ଼ିଛି । ମିଶନ୍ ଶକ୍ତିର ଏମବିକେ, ସିଆରପି, ବ୍ୟାଙ୍କ୍ ମିତ୍ର ଓ ମହିଳା ସଭାନେତ୍ରୀ ସମେତ ବ୍ଲକ କର୍ମଚାରୀମାନେ ସହଯୋଗ କରିଥିଲେ ।

## ମା' ବ୍ରାହ୍ମଣୀ ଦେବୀଙ୍କ ବାର୍ଷିକ ପୂଜା



**ଟିକାବାଲି, ୧୮ ।୨(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ବୁଡୁଗୁଦାରୀ ଗ୍ରାମରେ କେଉଁ କାଳରୁ ଆଦିଶକ୍ତି ମା' ବ୍ରାହ୍ମଣଦେବୀଙ୍କ ବାର୍ଷିକ ପୂଜା ପାରମ୍ପରିକ ରୀତିରେ ଅନୁଷ୍ଠିତ ହେଉଛି । ଏହିକ୍ରମରେ ଗୁରୁବାର ଟିକାବାଲି, ବୁଡୁଗୁଡାରି, ପୁରୁଣାଗଡ଼ ଆଖପାଖ ଗ୍ରାମର ଆଦିବାସୀ ତଥା ଭକ୍ତମାନଙ୍କ ଗହଣରେ ପୂର୍ବ ନିୟମ ପ୍ରକାରେ ମୁଠା ମୁଖ୍ୟଙ୍କ ପୁଅ ପୂଜକ ସରୋଜ କହଁର ସହଯୋଗୀ ପ୍ରମୋଦ କହଁର ଓ ଉମେଶ ପ୍ରଧାନ ପାରମ୍ପରିକ ରୀତିନୀତି ପ୍ରକାରେ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ମହୁରି ବାଜାରେ ଗାଁ ପ୍ରକମ୍ପିତ ହୋଇଥିଲା । ଶତାଧିକ ଭକ୍ତଙ୍କ ଗହଣରେ ମା', ମାଉସୀଙ୍କ ହୁଳହୁଳି ଶବ୍ଦରେ ପୂଜାବିଧି କରାଯାଇଥିଲା । ପୂଜା ଉପଲକ୍ଷେ ଗାଁର ମାତୃମଣ୍ଡଳୀ ଦ୍ୱାରା ମନୋରଞ୍ଜନ ପାଇଁ ଲକ୍ଷ୍ମୀ ସୁଆଙ୍ଗ ମଞ୍ଚସ୍ଥ କରଯାଇଥିଲା । ଏହି ଅବସରରେ କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲିକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର, ବିଧାୟକ ପ୍ରତିନିଧି ତନୁଜ କୁମାର ଭୋଇ, ଶିକ୍ଷାବିତ୍ ସନ୍ତୋଷ ଦଳବେହେରା, ଯୁବ ନେତା ଅଭିମନ୍ୟୁ ପ୍ରଧାନ, କୈଳାସ କହଁର, ଶିଶିର ବେହେରା ଓ ଜଗାବଳିଆ ବେହେରା ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ନାଟକକୁ ଉଦ୍‌ଘାଟନ କରିଥିଲେ ।

### କର୍ପୋରେସନ ରୋଡ୍ ଓ ହରିଡ଼ାଖଣ୍ଡି ଛକରେ ପ୍ରତିଷ୍ଠା ହେବ ଟ୍ରାଫିକ୍ ସିଗନାଲ୍ ପୋଷ୍ଟ

# ଘୋଷଣା ସତ୍ତ୍ୱେ କାର୍ଯ୍ୟକାରୀ ହେଉନି କୋର୍ଟପେଟାରୁ ଗେଟ୍‌ବଜାର ଛକ ପର୍ଯ୍ୟନ୍ତ 'ୱାନ୍-ୱେ'

**ବ୍ରହ୍ମପୁର, ୧୮ ।୨(ସମିସ):** ବ୍ରହ୍ମପୁର ସହରରେ ଟ୍ରାଫିକ ସମସ୍ୟା ଏକ ଦୈନନ୍ଦିନ ଘଟଣା । ଟ୍ରାଫିକ ନିୟନ୍ତ୍ରଣ ପାଇଁ ସମ୍ପ୍ରତି ସହରରେ ୫ଟି ଟ୍ରାଫିକ ସିଗନାଲ ପୋଷ୍ଟ ରହିଥିବା ବେଳେ ସହରର ଅଧିକ ଦୁଇଟି ଛକରେ ନୂତନ ଭାବେ ଦୁଇଟି ପୋଷ୍ଟ ହେବାକୁ ଯାଉଛି । ସହରର କର୍ପୋରେସନ ରୋଡ ଓ ହରିଡାଖଣ୍ଡି ଛକରେ ଦୁଇଟି ଟ୍ରାଫିକ ପୋଷ୍ଟ ହେବାନେଇ ପ୍ରସ୍ତାବ ଥିବା ବେଳେ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ । ସହରର ବିଭିନ୍ନ ସ୍ଥାନରେ ସାମାନ୍ୟ ଗହଳି ହେଲେ ଟ୍ରାଫିକ ଜାମ ହେଉଛି । ସହର ମଧ୍ୟରେ ବସ୍ ଚଳାଚଳ ଯୋଗୁଁ ଲୋକେ ଘଣ୍ଟାଘଣ୍ଟା ଧରି ଟ୍ରାଫିକ ଜାମର ସମ୍ମୁଖୀନ ହେଉଛନ୍ତି । ତେଣୁ ୨୦୨୧ମସିହା ନଭେମ୍ବର ମାସରେ ସହରରେ ଟ୍ରାଫିକ୍ ନିୟନ୍ତ୍ରଣ କରିବା ପାଇଁ ସ୍ଥାନୀୟ କୋର୍ଟପେଟା ଛକରୁ ଗେଟ୍‌ବଜାର ଛକ ପର୍ଯ୍ୟନ୍ତ ରାସ୍ତାକୁ ୱାନ-ୱେ ଘୋଷଣା କରାଯାଇଛି । ଫଳରେ ଗେଟବଜାରରୁ କୋର୍ଟପେଟା ଛକ ଦେଇ କୌଣସି ଗାଡ଼ି ଆସିବା କଥା ନୁହେଁ । ଏହି ରାସ୍ତା ଅଣଓସାରିଆ ହୋଇଥିବା ଯୋଗୁଁ ଦୁଇପାର୍ଶ୍ୱରେ ଗାଡ଼ି ଯାତାୟାତ ବେଳେ ବିଭିନ୍ନ ସମସ୍ୟା ଉପୁଜୁଛି । ଉକ୍ତ ରାସ୍ତାକୁ ୱାନ-ୱେ ଘୋଷଣା ପରେ ସମସ୍ୟାର ସମାଧାନ ହେବ ବୋଲି ଅନୁମାନ କରାଯାଉଥିଲେ ହେଁ ବାସ୍ତବରେ ତାହା ସମ୍ଭବପର ହେଲା ନାହିଁ । ପ୍ରତିଦିନ ଶହ ଶହ ଗାଡ଼ି ଉକ୍ତ ରାସ୍ତା ଦେଇ ଯାତାୟାତ କରୁଛି । ପୁଲିସ କର୍ମଚାରୀ ନିୟୋଜିତ ଥିଲେ ସୁଦ୍ଧା ବିଭିନ୍ନ ଆଳ ଦେଖାଇ ଲୋକେ ନିୟମକୁ ଅମାନ୍ୟ କରୁଛନ୍ତି । କୋର୍ଟପେଟା ଛକ ଠାରୁ ମେଡିକାଲ ଛକ ପର୍ଯ୍ୟନ୍ତ ରାସ୍ତାରେ ଛତୁ ଫୁଟିଲା ଭଳି ବହୁ କ୍ଲିନିକ, ହସ୍ପିଟାଲ ଓ ମେଡିସିନ ଷ୍ଟୋର ରହିଛି । ସେଗୁଡିକର ଆଳ ନେଇ ୱାନ-ୱେ ନିୟମକୁ ନମାନି ଯାତାୟତ କରୁଛନ୍ତି । ବିଭିନ୍ନ ସମୟରେ ଏହାକୁ ନେଇ ଜନସାଧାରଣ ଓ ଡ୍ୟୁଟିରେ ଥିବା ପୁଲିସ କର୍ମଚାରୀଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବାର ନଜିର ରହିଛି । ଗୋଇଲୁଣ୍ଡି, ଭାବାନଗର, ନୁଆଁବସଷ୍ଟାଣ୍ଡ, ବ୍ରହ୍ମାନଗର ଆଦି ସମସ୍ତ ଛକରେ କନେଷ୍ଟବଳ ଓ ହୋମଗାର୍ଡ ନିୟୋଜିତ ଅଛନ୍ତି । ତଥାପି ଲୋକେ କାହାକୁ ମାନିବାକୁ ପ୍ରସ୍ତୁତ ନଥିବା ଦେଖିବାକୁ ମିଳୁଛି । ନିକଟରେ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁବିଧା ପାଇଁ ନୂଆ ବସଷ୍ଟାଣ୍ଡ ଠାରୁ ସିଦ୍ଧାର୍ଥ ନଗର ଛକ ପର୍ଯ୍ୟନ୍ତ ଏକ ପ୍ରଶସ୍ତ ରାସ୍ତା ନିର୍ମାଣ କରାଯାଇଛି । ତଥାପି ତାକୁ ବ୍ୟବହାର ନକରି ସୁବିଧାରେ ଯିବାପାଇଁ ଲୋକେ ୱାନ-ୱେ ନିୟମକୁ ଖିଲାପ କରୁଛନ୍ତି । ୱାନ-ୱେ ନିୟମକୁ କଡାକଡି କାର୍ଯ୍ୟକାରୀ କରିବାକୁ ଉଭୟ ପୁଲିସ ଓ ପ୍ରଶାସନ ନିକଟରେ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି । ଅନ୍ୟପକ୍ଷରେ ଗେଟବଜାରରେ ବର୍ଷ ବର୍ଷ ଧରି ଲାଗିରାଗିଥିବା ଟ୍ରାଫିକ ସମସ୍ୟା କେବେ ଦୂରହେବ ତା'କୁ ନେଇ ମଧ୍ୟ ଚର୍ଚ୍ଚା ଜୋରଧରିଛି । ଗେଟବଜାର ଛକରେ ଟ୍ରାଫିକ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସେଠାରେ ଏକ ଓଭରବ୍ରିଜ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାପଡ଼ିଛି । ଅନ୍ୟପକ୍ଷରେ ଲୋଚାପଡ଼ା ଠାରୁ ଗେଟବଜାର ଛକ ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ପରିପୂର୍ଣ୍ଣ । ଏହିଭଳି ରାସ୍ତାରେ ପ୍ରତିଦିନ ଛୋଟବଡ ଅନେକ ଦୁର୍ଘଟଣା ନିୟମିତ ହେଉଛି । ତେଣୁ ଓଭରବ୍ରିଜ ନିର୍ମାଣ ନେଇ ପ୍ରଶାସନ ତୁରନ୍ତ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି । କର୍ପୋରେସନ ରୋଡ ଓ ହରିଡାଖଣ୍ଡି ଛକରେ ଦୁଇଟି ପ୍ରସ୍ତାବିତ ଟ୍ରାଫିକ ପୋଷ୍ଟ ପ୍ରତିଷ୍ଠା ହେଲେ ସମ୍ପୃକ୍ତ ଅଞ୍ଚଳରେ ଟ୍ରାଫିକ ସମସ୍ୟାର ସମାଧାନ ସହ ଦୁର୍ଘଟଣା ସଂଖ୍ୟା ହ୍ରାସପାଇବ ବୋଲି ଆଶା ରଖିଛନ୍ତି ଟ୍ରାଫିକଥାନା ଅଧିକାରୀ ରାମ ସୁବ୍ରମନ୍ୟମ ପ୍ରଧାନ ।

## ମୌଳିକ ସୁବିଧା ପାଇଁ ୪ ଗ୍ରାମବାସୀଙ୍କ ଦାବିପତ୍ର

**ଭଞ୍ଜନଗର, ୧୮ ।୨(ସମିସ):** ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ଏମିତି କେତେକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ରହିଛି ଯେଉଁଠାରେ ଲୋକମାନେ ମୌଳିକ ସୁବିଧା ପାଇବାରେ ବଞ୍ଚିତ ଅଛନ୍ତି । ଗଞ୍ଜାମ ଜିଲ୍ଲା ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ଗାୟଗଣ୍ଡା ଗ୍ରାମ ପଞ୍ଚାୟତର ତାଳ ଖମଣ, ମଣ୍ଡା ପଥର, ଡେଲିଙ୍ଗି ପଦର ଓ ଡାଙ୍ଗିଭୁଇଁକୁ ଆଜି ପର୍ଯ୍ୟନ୍ତ ରାସ୍ତା ଓ ବିଜୁଳି ଅଭିଯୋଗ କରିଛନ୍ତି । ଏସବୁ ସମସ୍ୟାର ସମାଧାନ ପାଇଁ ଭଞ୍ଜନଗର ଉପଜିଲ୍ଲାପାଳଙ୍କୁ ଶନିବାର ଉପରୋକ୍ତ ଚାରି ଗାଁର ପ୍ରତିନିଧି ମାନେ ଆସି ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ଦାବି ଯଦି ଆସନ୍ତା ୭ଦିନ ମଧ୍ୟରେ ପୂରଣ ନହୁଏ ତାହେଲେ ଏହାର ପ୍ରତିବାଦରେ




ଆଲୁଅ ସାତସପନ ହୋଇଛି । ମୌଳିକ ସେବାରୁ ବଞ୍ଚିତ ଏହି ଆଦିବାସୀ ପରିବାର ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି । ରାସ୍ତା ନଥିବାରୁ ଶିକ୍ଷା ଓ ସ୍ୱାସ୍ଥ୍ୟସେବା ମିଳି ପାରୁନି । ଖଟିଆରେ ବୁହାହୋଇ ଯାଆନ୍ତି ଗର୍ଭବତୀ ମହିଳା ଓ ରୋଗୀ । ବର୍ଷା ହେଲେ ଗୋଟିଏ ନଦୀ, ଦୁଇଟି ନାଳ ପାର ହୋଇ ଆସିବା ସମ୍ଭବ ହୁଏ ନାହିଁ । ସେଥିପାଇଁ ବିଭିନ୍ନ ସମୟରେ ଅନେକ ରୋଗୀଙ୍କ ମୃତ୍ୟୁ ଘଟୁଥିବା ନେଇ ଗ୍ରାମବାସୀ ଫେବୃଆରୀ ୨୬ ତାରିଖଠାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହରାତ୍ର ଗଣଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି । ଏଥିରେ କ୍ରାନ୍ତିକାରୀ କୃଷକ ସଭାର ରାଜ୍ୟ ସମ୍ପାଦକ ଶଙ୍କର ଇନକିଲାବ, ଆଦିବାସୀ ଭାରତ ମହାସଭାର ରାଜ୍ୟ ସମ୍ପାଦକ ଟୁନା ମଲ୍ଲିକ, ସନାତନ ଜାନି, ଦୁଷ୍ମନ୍ତ ଜାନି, ଚକ୍ରଧର ମଲ୍ଲିକ, ଅଞ୍ଜନା ଜାନି, ମାନି ଜାନି, ଲାବଣ୍ୟ ଜାନି, ମଞ୍ଜୁରି ଜାନି, ସଞ୍ଜୁ ମଲ୍ଲିକ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।

**୨୬ରୁ ଆନ୍ଦୋଳନ ଚେତାବନୀ**

## ଜିଆଖତ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର



**ଦିଗପହଣ୍ଡି, ୧୮ ।୨(ସମିସ):** ଦିଗପହଣ୍ଡି ବ୍ଲକ ବାସୁଦେବପୁର ପଞ୍ଚାୟତ ଅନ୍ତର୍ଗତ ବଜାପଲ୍ଲୀ ଗ୍ରାମର ଡି.ଭାଗିରଥି ଦୋରାଙ୍କ ସମନ୍ୱିତ କୃଷି ଉଦ୍ୟୋଗ କେନ୍ଦ୍ରରେ ଜିଆଖତ ପ୍ରସ୍ତୁତି ସମ୍ପର୍କିତ ତ୍ରୀଦିବସୀୟ ପ୍ରଶିକ୍ଷଣ ଶିବିର ଶନିବାର ଶୁଭାରମ୍ଭ ହୋଇଯାଇଛି । ଜାତୀୟ ସମବାୟ ଶିକ୍ଷା ଓ ମହିଳା ଉନ୍ନୟନ ପ୍ରକଳ୍ପ (ଏନସିୟୁଆଇ) ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସାନଖେମୁଣ୍ଡି ସମବାୟ ପ୍ରଶିକ୍ଷିକା ରୀତାରାଣି ପାଣିଗ୍ରାହୀ ସଂଯୋଜନା କରିଥିଲେ । ଶିବିରରେ ମିଳିତଦେୟ ଗୋଷ୍ଠୀ (ଜେଏଲଜି) ଦ୍ୱାରା ଉପସ୍ଥିତ ମହିଳା ମାନଙ୍କୁ କୃଷି କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା । ଦିଗପହଣ୍ଡି ବ୍ଲକ ଭାରପ୍ରାପ୍ତ ସହକାରୀ ଉଦ୍ୟାନ କୃଷି ଅଧିକାରୀ ସୁରଭି ଗଡ଼ନାୟକ ଜିଆଖତ ପ୍ରସ୍ତୁତିର ସମସ୍ତ ବୈଷୟିକ ଦିଗ ଉପରେ ବୁଝାଇଥିବାବେଳେ, କୃଷି ବିଭାଗର ସହକାରୀ କୃଷି ଅଧିକାରୀ ଶିବାନୀ ପାଢ଼ୀ ସମ୍ପୃକ୍ତ ବିଭାଗର ସମସ୍ତ ଯୋଜନା ସମ୍ପର୍କରେ ମହିଳା ଚାଷୀ ଙ୍କୁ ବୁଝାଇଥିଲେ । ସିଦ୍ଧେଶ୍ୱର ସେବା ସମବାୟ ସମିତି ନିର୍ଦ୍ଦେଶକ ଗୋପାଳକୃଷ୍ଣ ମଲ୍ଲିକ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । ଅନ୍ୟତମ ଅତିଥି ଭାବେ ଶିବପ୍ରସାଦ ରଥ ଯୋଗଦେଇଥିଲେ । ଜିଆଖତ ପ୍ରସ୍ତୁତି ସମ୍ପର୍କରେ କୁକୁଡାଖଣ୍ଡି ବ୍ଲକର ଚାଷୀ ମାନସ ରଞ୍ଜନ ଜେନା ଡେମନଷ୍ଟ୍ରେସନ ପ୍ରଦର୍ଶନ କରିଥିଲେ । ବାସୁଦେବପୁର ସେବା ସମବାୟ ସମିତି ସଭାପତି ଡି.ସନାତନ ଦୋରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଆସିକା ସମବାୟ ଚିନିକଳ ନିର୍ଦ୍ଦେଶିକା ଏସ.ଅରାଲୁ ଦୋରା, ବାସୁଦେବପୁର ସେବା ସମବାୟ ସମିତି ନିର୍ଦ୍ଦେଶକ ଏଲ.ଗୌରାଙ୍ଗ ରେଡି, ବରିଷ୍ଠ ଚାଷୀ ଡି.କୋରା ଦୋରା ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟସ୍ତରୀୟ ଯୋଗ ଶିକ୍ଷା ଶିବିର

**ଦିଗପହଣ୍ଡି, ୧୮ ।୨(ସମିସ):** ଦିଗପହଣ୍ଡି ବିଷ୍ଣୁପ୍ରିୟା ନଗରସ୍ଥିତ ଆନନ୍ଦ ଭବନ ଠାରେ ଆନନ୍ଦମାର୍ଗ ପ୍ରଚାରକ ସଂଘ ପକ୍ଷରୁ ରାଜ୍ୟସ୍ତରୀୟ ଯୋଗ ଶିକ୍ଷା ଶିବିର ଉଦ୍‌ଯାପିତ ହୋଇଯାଇଛି । 'ଆନନ୍ଦମାର୍ଗ ସଙ୍ଗଠନ' ତରଫରୁ ପ୍ରତ୍ୟେକ ଅଞ୍ଚଳରେ ଯୋଗ ଶିକ୍ଷା ଶିବିର ଆୟୋଜନ କରାଯାଉଛି । ମୁଖ୍ୟବକ୍ତା ଭାବେ ଅନ୍ତଃରାଷ୍ଟ୍ରୀୟ ପ୍ରଶିକ୍ଷକ ଆଚାର୍ଯ୍ୟ ଗୁଣୀନ୍ଦ୍ରାନନ୍ଦ ଅବଧୂତ ଯୋଗ ଦେଇଥିଲେ । ଆଇନଜୀବୀ ସରୋଜ ରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରରେ ଆନନ୍ଦ ମାର୍ଗର ବରିଷ୍ଠ ସନ୍ୟାସୀମାନେ ଯୋଗଦେଇ ପ୍ରତ୍ୟେକ ବ୍ୟକ୍ତିର ଶାରିରୀକ, ମାନସିକ ସଂରଚନା ଅନୁଯାୟୀ ବିନା ଖର୍ଚ୍ଚରେ ବିଜ୍ଞାନ ଭିତ୍ତିକ ଯୋଗ ସାଧନାର ଶିକ୍ଷା ଦେବାର ବ୍ୟବସ୍ଥା ପ୍ରଶିକ୍ଷଣର ଉପଲବ୍ଧ କରାଯାଇଥିଲେ । ପୂର୍ବାଞ୍ଚଳ ସମ୍ପାଦକ ନବରୁଣାନନ୍ଦ ଅବଧୂତ, ପ୍ରଭଦ୍ରାନନ୍ଦ ଅବଧୂତ, ପୂର୍ଣ୍ଣୟାନନ୍ଦ ଅବଧୂତ ଓ ସଂଯୋଜକ ଭାବେ ସୁଶାନ୍ତ କୁମାର ଭୁନିୟା, ସାମାଜିକ କର୍ମୀ କୁରେଶୁ ମହାରଣା, ଡ଼ା.ଭୂଷଣ ନାୟକ, ବୃନ୍ଦାବନ ସେଠୀ, କୋଶଳ ସମାଜ ପ୍ରମୁଖ ଦିଲ୍ଲୀପ ପଣ୍ଡା, ଆଇନଜୀବୀ ପ୍ରଣୟ ଦେବ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।



## ବିଜେପିର 'ଗାଁକୁ ଚାଲ' ଅଭିଯାନ

**ଗଞ୍ଜାମ,୧୮ ।୨(ସମିସ):** ଗଞ୍ଜାମ ବ୍ଲକ ସନ୍ତୋଷପୁର ମଣ୍ଡଳ ଅନ୍ତର୍ଗତ ମଲାଡ ପଞ୍ଚାୟତର ମଲାଡ ଶ୍ରୀବଣା, ବାହାଲପୁର ଗାଁରେ ବିଜେପିର ଗାଁକୁ ଚାଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଅନୁସୂଚିତ ଜାତି ସମ୍ପାଦକ କୃଷ୍ଣଚନ୍ଦ୍ର ନାୟକ, ଛତ୍ରପୁର ନିର୍ବାଚନମଣ୍ଡଳୀ ନେତା ପ୍ରଶାନ୍ତ କୁମାର କର, ଗଞ୍ଜାମ ଜିଲ୍ଲା ଅନୁସୂଚିତ ଜାତି ଜିଲ୍ଲା ସଭାପତି କୀର୍ତ୍ତନ ଦାସ, ସନ୍ତୋଷପୁର ମଣ୍ଡଳ ସଭାପତି ସନ୍ତୋଷ ନାହାକ, ଯୁବନେତା ଟୁକୁନା ସାହୁ, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ଯୁବନେତା ବିକ୍ରମ କୁମାର ଦାସ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ସୁରେନ୍ଦ୍ର ନାଥ ସାହୁ, ବରିଷ୍ଠ ନେତା କୀର୍ତ୍ତନ ପରିଡ଼ା, ଏନ .ନାଗେଶ, ମଲାଡ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ନାହାକ, ମହେଶ୍ୱର ଦାସ, ହରିହର ବେହେରା, ଆର .କିଷ୍ଟା, ଦୁର୍ଲଭ, ଗୋବିନ୍ଦ ଛତ୍ରପୁର ନିର୍ବାଚନ ମଣ୍ଡଳୀର ଦାୟିତ୍ୱରେ ଥିବା ବିସ୍ତାରକ ଆଲୋକ ମହାନ୍ତି ଯୋଗଦେଇଥିଲେ ।

## ସମାଧିସ୍ଥଳ ଉନ୍ନତିକରଣ କାର୍ଯ୍ୟ ଉଦ୍‌ଘାଟିତ



**ଛତ୍ରପୁର, ୧୮ ।୨(ସମିସ):** ଛତ୍ରପୁର ବ୍ଲକ ଅନ୍ତର୍ଗତ ତରେଇପାଟପୁର ଗ୍ରାମ ନିକଟରେ ଥିବା ଖ୍ରୀଷ୍ଟିଆନ ସମାଧି ସ୍ଥଳ (ଶ୍ମଶାନ) ଉନ୍ନତିକରଣ କାର୍ଯ୍ୟର ରବିବାର ଉଦ୍‌ଘାଟନ କରିଛନ୍ତି ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା । ୟୁନିଅନ ୱାପିସ୍ଟ ଚର୍ଚ୍ଚ ପକ୍ଷରୁ କରାଯାଇଥିବା ଏହି ସମାଧି ସ୍ଥଳକୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରୁ ଉନ୍ନତିକରଣ ନିମନ୍ତେ ୪ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା । ଛତ୍ରପୁର ଖ୍ରୀଷ୍ଟିଆନ ସମ୍ପ୍ରଦାୟ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଓ ଛତ୍ରପୁର ବିଧାୟକଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି । କାର୍ଯ୍ୟକ୍ରମରେ ପାଳକ ମିନାଲ ସେନ ଗୁପ୍ତା, ଜି. ଜନ ମୋର୍ଜେଷ, ଅଭୟ ହୋତା, ଅସିତ ସାହୁ ଏବଂ ଚର୍ଚ୍ଚର ସଦସ୍ୟ ଓ କମିଟି ମେମ୍ବର ମାନେ ଉପସ୍ଥିତ ଥିଲେ ।

## ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ପୋଲସରା,୧୮ ।୨(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ ବାଲିଛାଇ ଓ ଜେ. ଡେଙ୍ଗାପଦର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗଦେଇ ଉଭୟ ପଞ୍ଚାୟତରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କୁ ଋଣ ରାଶିର ଚେକ୍ ବଣ୍ଟନ କରିଥିଲେ ବିଧାୟକ ଶ୍ରୀ ସାହୁ । ବିଧାୟକ ପ୍ରତିନିଧି ସୁକାନ୍ତ କୁମାର ଭୂୟାଁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଘନଶ୍ୟାମ ଡାକୁଆ, ସିଡିପିଓ ତିଳୋତ୍ତମା ରାଉତ, ବିପିଏମ୍ ଗଙ୍ଗାଧର ମିଶ୍ର, ଆଇପିଓ ପୁଷ୍ପା ପ୍ରିୟା ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ କୁମାର ବିଷୋୟୀ, ଝୁନୁ ଦାସ, ବିକ୍ରମ କୁମାର ନାୟକ, ବାଲିଛାଇ ସରପଞ୍ଚ ଶିଲୁ ବେହେରା ଓ ଜେ.ଡେଙ୍ଗାପଦର ସରପଞ୍ଚ ପିତାମ୍ବର ବେହେରା, ନାଇବ ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା, ସମିତିସଭ୍ୟା ଝୁନୁ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୌରାଙ୍ଗ ଦଳେଇ, ଭଗବାନ ବେହେରା, ଯୁବନେତା ହିମାଂଶୁ ବେହେରା, ମିଟୁ ନାୟକ, କବିରାଜ ଦାସ, ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ସୁଶାନ୍ତ କୁମାର ପୋଲେଇ, ଯୁବ ସଙ୍ଗଠକ ନରେନ୍ଦ୍ର ଦେବତା, ତାପସ କୁମାର ସାହୁ, ଶିଲୁ ଦଳେଇ, ପବିତ୍ର ରାଉତ, ଉତ୍କଳ କୁମାର ପ୍ରଧାନଙ୍କ ସମେତ ବିଭାଗୀୟ ଅଧିକାରୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଗ୍ରାମବାସୀ, ସମସ୍ତ ୱାର୍ଡ ସଭ୍ୟସଭ୍ୟା ତଥା ନିର୍ବାଚିତ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନ କରାଯାଇଥିଲା ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଆସିକା, ୧୮ ।୨(ସମିସ):** ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପରିସରରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ସହରାଞ୍ଚଳ ସଚେତନତା କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ, ସାଂସଦ ପ୍ରତିନିଧି ସତ୍ୟ ନାରାୟଣ ସ୍ୱାଇଁ ଉପସ୍ଥିତ ଥିଲେ । ସଂଯୋଜନା କରିଥିଲେ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜ । ଉଦ୍‌ଯାପନୀ ଦିବସରେ ମଧୁବାବୁ ପେନ୍‌ସନ ଯୋଜନାରେ ୨୧ ଜଣ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ କର୍ମଚାରୀ, ସ୍ୱଚ୍ଛ ସାଥୀ, ମିଶନ ଶକ୍ତି ମହିଳା, ଅଙ୍ଗନବାଡ଼ି କର୍ମୀ, ୱାର୍ଡବାସୀ ଉପସ୍ଥିତ ଥିଲେ । ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

**ସୋରଡ଼ା:** ସୋରଡ଼ା ନିର୍ବାଚନମଣ୍ଡଳୀରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କ ସହ ଏନ୍‌ଏସି ଅଧ୍ୟକ୍ଷ ଶିବ ଶଙ୍କର ପଣ୍ଡା, ସମସ୍ତ କାଉନସିଲର, ଆସ୍କା ସମବାୟ ବ୍ୟାଙ୍କର ସୋରଡ଼ା ନିର୍ଦ୍ଦେଶକ ତଥା ବିଜେଡି ବ୍ଲକ ସଭାପତି ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଉଦ୍‌ଘାଟନ କରିଥିବାବେଳେ ଏନ୍‌ଏସିର ମୁକ୍ତା ସଂଯୋଜକ ଜତୀନ୍ଦ୍ର କୁମାର ତ୍ରିପାଠୀ, ଶାନ୍ତନୁ ଶତପଥୀଙ୍କ ସମେତ ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ । ସରକାରଙ୍କ ଏହି କାର୍ଯ୍ୟକ୍ରମକୁ ନେଇ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଜନସାଧାରଣ ଖୁସିବ୍ୟକ୍ତ କରିଛନ୍ତି ।



## ଡୁମୁଡ଼ିବନ୍ଧରେ ବିଜେଡିର ଶକ୍ତି ପ୍ରଦର୍ଶନ

# ବିଜେଡିରେ ସାମିଲ ହେଲେ ୪୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ବିଜେପି କର୍ମୀ





**ଡୁମୁଡ଼ିବନ୍ଧ, ୧୮ ।୨(ସମିସ)**

କନ୍ଧମାଳ ଜିଲ୍ଲା ଡୁମୁଡ଼ିବନ୍ଧ ବ୍ଲକରେ ବିଜୁ ଜନତା ଦଳର ମହାମିଶ୍ରଣ ପର୍ବ ଅନୁଷ୍ଠିତ ହେଇଯାଇଛି। ବ୍ଲକ ସଭାପତି ପ୍ରମୋଦ ସାହୁଙ୍କ ନେତୃତ୍ୱରେ ୩୦୦ରୁ ଅଧିକ କର୍ମୀ ଜଳେଶପଟାରୁ ମୁଣ୍ଡିଗଡ଼ ପଞ୍ଚାୟତର ସୁନାଗାଁ ପର୍ଯ୍ୟନ୍ତ ଏକ ବାଇକ୍ ରାଲି କରାଯାଇଥିଲା। ସୁନାଗାଁର ଡୁଡୁଲୁବା ଗ୍ରାମରେ ଏକ ଦଳୀୟ ସଭା ଆୟୋଜିତ ହେଇଥିଲା। ଉକ୍ତସଭାରେ ମୁଖ୍ୟଅତିଥି ଭାବେ କନ୍ଧମାଳ ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ ଓ ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା ଓ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କହଁର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସ, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ମାଝୀ, ଜିଲ୍ଲା ପରିଷଦ ସଭ୍ୟ ନବୀନ ପାତ୍ର, ମୁଣ୍ଡିଗଡ଼ ସରପଞ୍ଚ ଜମିତା ମଲିକ, 'ଆମ ଓଡ଼ିଶା ନବୀନ ଓଡ଼ିଶା' କନ୍ଧମାଳ ଜିଲ୍ଲା ସଂଯୋଜକ ରାଜୀବ ପାତ୍ର, ମୁଣ୍ଡିଗଡ଼ ସଭାପତି କମଳ ପାତ୍ର, ଡୁମୁଡିବନ୍ଧ ପଞ୍ଚାୟତ ସଭାପତି ଜିସାୟ ମଣ୍ଡଳ, ଛାତ୍ର ସଭାପତି ସୁଜିତ ସାହୁ, ଯୁବ ସଭାପତି ରାମଚନ୍ଦ୍ର ଚାନ୍ଦ, କନ୍ଧମାଳ ଜିଲ୍ଲା ଯୁବ ଜନତା ଦଳ ଯୁଗ୍ମ ସମ୍ପାଦକ ବେଲାରସେନ ପରାସେଟଙ୍କ ସମେତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିତ୍ୱ ଯୋଗ ଦେଇଥିଲେ। ଡୁମୁଡିବନ୍ଧ ବ୍ଲକ ସଭାପତି ତଥା ସାଂସଦ ପ୍ରତିନିଧି ଶ୍ରୀ ସାହୁ ସଭାରେ ସଭାପତିତ୍ୱ କରିଥିଲେ।

ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, ବାଲିଗୁଡା ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଅଜୟ ମହାରଣା, ବିଧାୟକ ଚକ୍ରମଣୀ କହଁର ଓ ବାଲିଗୁଡା ନିର୍ବାଚନମଣ୍ଡଳୀ ସଂଯୋଜକ ଟୁନା ଦାସଙ୍କ ଉପସ୍ଥିତିରେ ଏକ ମିଶ୍ରଣ ପର୍ବ ହୋଇଥିଲା। ମୁଣ୍ଡିଗଡ଼ ପଞ୍ଚାୟତ ସଭାପତିଙ୍କ ନେତୃତ୍ୱରେ ୨୦୦ରୁ ଅଧିକ କର୍ମୀ ବିଜେପି ଓ କଂଗ୍ରେସ ଛାଡ଼ି ବିଜେଡିରେ ବିଧିବଦ୍ଧ ଭାବେ ସାମିଲ ହେଇଥିଲେ। ଡୁମୁଡିବନ୍ଧ ପଞ୍ଚାୟତ ସଭାପତି ଜିସାୟ ମଣ୍ଡଳଙ୍କ ନେତୃତ୍ୱରେ ୭୦ରୁ ଅଧିକ କର୍ମୀ କଂଗ୍ରେସ ଛାଡି ବିଜେଡିରେ ସାମିଲ ହେଇଥିଲେ। ସେପରି ଭାବେ ବେଲଘର ପଞ୍ଚାୟତ ସଭାପତି ଓ ନାଏବ ସରପଞ୍ଚ ରାନାଲ ନାୟକଙ୍କ ନେତୃତ୍ୱରେ ୧୦୦ରୁ ଅଧିକ ଯୁବ କର୍ମୀ ବିଜେପି ଛାଡ଼ି ବିଜେଡିରେ ସାମିଲ ହେଇଥିଲେ। ଉପସ୍ଥିତ ଥିବା ସମସ୍ତ ଅତିଥି ଦଳୀୟ ଉତ୍ତରୀୟ ପରିଧାନ କରାଇ ଦଳକୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ସାଂସଦ ଡ. ଅଚ୍ୟୁତ ସାମନ୍ତ, ବିଧାୟକ ଚକ୍ରମଣୀ କହଁର, ବାଲିଗୁଡ଼ା ନିର୍ବାଚନମଣ୍ଡଳୀ ସଂଯୋଜକ ଶ୍ରୀ ଦାସ, ଡୁମୁଡ଼ିବନ୍ଧ ବ୍ଲକ ସଭାପତି ଶ୍ରୀ ସାହୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେଇ ଡୁମୁଡିବନ୍ଧରେ ହେଉଥିବା ବିକାଶ ଧାରାରେ ସାମିଲ ହେବାକୁ ବିଜେପି ଓ କଂଗ୍ରେସ ଛାଡ଼ି ବିଜେଡିରେ ସାମିଲ ହୋଇଥିବା ନୂତନ କର୍ମୀମାନେ କହିଛନ୍ତି।

## ନବନିଯୁକ୍ତ ଉପସଭାପତିଙ୍କୁ ଜିଲ୍ଲା ବିଜେଡିର ସମ୍ବର୍ଦ୍ଧନା



**ପାରଳାଖେମୁଣ୍ଡି, ୧୮ ।୨(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳକୁ ଅଧିକ ମଜଭୁତ କରିବା ପାଇଁ ରାଜ୍ୟସ୍ତରୀୟ କ୍ୟାଡରଙ୍କୁ ନିଯୁକ୍ତି ଦେଇଛନ୍ତି। ଏଥି ମଧ୍ୟରେ ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ଇଂ.ରୂପେଶ ପାଣିଗ୍ରାହୀଙ୍କୁ ରାଜ୍ୟ ଉପସଭାପତି ଭାବେ ନିଯୁକ୍ତ କରିଛନ୍ତି। ଗଜପତି ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ନବନିଯୁକ୍ତ ରାଜ୍ୟ ବିଜେଡି ଉପସଭାପତି ଇଂ.ପାଣିଗ୍ରାହୀଙ୍କୁ ଦଳ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଜିଲ୍ଲା ବିଜେଡି ସଭାପତି ଜଗବନ୍ଧୁ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଜିଲ୍ଲାସ୍ତରୀୟ ସମସ୍ତ ନେତୃବୃନ୍ଦ ତଥା ବିଜୁ ଜନତା ଦଳର ସମସ୍ତ ସଂଗଠନର ନେତା ଯୋଗ ଦେଇ ଇଂ.ପାଣିଗ୍ରାହୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ଯେଉଁ ଗୁରୁଦାୟିତ୍ୱ ଦେଇଛନ୍ତି ତାହାକୁ ସୂଚାରୁ ରୂପେ ତୁଲାଇବି ଏବଂ ଦଳକୁ ଅଧିକ ମଜଭୁତ କରିବା ଦିଗରେ ସବୁ ବର୍ଗଙ୍କୁ ନେଇ କାମ କରିବି ବୋଲି ଇଂ ପାଣିଗ୍ରାହୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୌରାଧ୍ୟକ୍ଷା ନିର୍ମଳା ସେଠୀ, ନଗର ବିଜେଡି ସଭାପତି ସୁଦ୍ଧିରଞ୍ଜନ ମହାପାତ୍ର, 'ଆମ ଓଡ଼ିଶା ନବୀନ ଓଡ଼ିଶା' ଜିଲ୍ଲା ସଂଯୋଜକ ୱାଇ. ରାମଚନ୍ଦ୍ର ରାଓ, ଆରଏମସି ସଭାପତି ଏସ୍.ଗଜପତି ରାଓ, ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁ ଓ ଜିଲ୍ଲା ବିଜେଡି ଉପସଭାପତି ଲକ୍ଷ୍ମୀକାନ୍ତ ପରିଚ୍ଛା ଉପସ୍ଥିତ ଥିଲେ। ସମ୍ବର୍ଦ୍ଧନା ସମାରୋହ ପୂର୍ବରୁ ଦଳୀୟ କର୍ମୀ ନଗର ପରିକ୍ରମା କରି ସହରରେ ଥିବା ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ନାରାୟଣଦେବ, ବିଜୁ ପଟ୍ଟନାୟକ, ଡ.ବି. ଆର୍. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ପୁଣି କଟାଗଲା ୧.୬୦ କୋଟି ଟଙ୍କାର ଗଞ୍ଜେଇ ଗଛ



**ଫିରିଙ୍ଗିଆ, ୧୮ ।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୁଲିସ ଦୁଇମାସ ହେଲା ଥାନା ଅଧୀନରେ ଥିବା ବିଭିନ୍ନ ଜାଗାରେ ଚଢ଼ଉ କରି ବେଆଇନ ଭାବରେ ଏକର ଏକର ଜଙ୍ଗଲ ଜମିରେ କୋଟିକୋଟି ଟଙ୍କାର ଗଞ୍ଜେଇ ଗଛ କାଟି ନଷ୍ଟ କରୁଥିବା ବେଳେ ପୁଣି ରବିବାର ଷୋହଳ ଏକର ପରିମିତ ଜଙ୍ଗଲ ଜମିରେ ବେଆଇନ ଭାବରେ ଚାଷ ହୋଇଥିବା ପ୍ରାୟ ଏକ କୋଟି ୬୦ ଲକ୍ଷ ଟଙ୍କାର ଗଞ୍ଜେଇ ଗଛ କାଟି ନଷ୍ଟ କରିଥିବା ଜଣାଯାଇଛି। ଫିରିଙ୍ଗିଆ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ଅବକାରୀ ବିଭାଗ କର୍ମଚାରୀଙ୍କ ସହଯୋଗରେ କାଶିନୀପଦର ପଞ୍ଚାୟତ ତରଘାବାଲି ଓ ଜିରିସୀ ଗାଁ ନିକଟରେ ଥିବା ଜଙ୍ଗଲରେ ଚଢ଼ଉ କରାଯାଇ ଏହି ଗଞ୍ଜେଇ ଗଛଗୁଡ଼ିକୁ କାଟି ନଷ୍ଟ କରାଯାଇଛି। ଅତିରିକ୍ତ ତହସିଲଦାର ଅଭିନାଶ ମିଶ୍ରଙ୍କ ଉପସ୍ଥିତିରେ ଗଞ୍ଜେଇ ଗଛ କଟାଯାଇଥିବା ବେଳେ ଏଥିରେ ସ୍ଥାନୀୟ ଅଞ୍ଚଳର ପ୍ରାୟ ୩୦ ଜଣ ଶ୍ରମିକ ନିୟୋଜିତ ଥିଲେ।

## 'ସ୍ମାର୍ଟ ସ୍କୁଲ'ର ବାର୍ଷିକ ଉତ୍ସବ

**ପାରଳାଖେମୁଣ୍ଡି, ୧୮ ।୨(ସମିସ):** ଚିତ୍ତାକର୍ଷକ ତଥା ଆକର୍ଷଣୀୟ ସାଂସ୍କୃତିକ ପରିବେଶ ମଧ୍ୟରେ ପାରଳାଖେମୁଣ୍ଡିସ୍ଥିତ 'ସ୍ମାର୍ଟ ସ୍କୁଲ'ର ବାର୍ଷିକ ଉତ୍ସବ ସ୍ଥାନୀୟ ଗୁଣ୍ଡିଚାବାଡ଼ି ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ପାରଳା ପୌରାଧ୍ୟକ୍ଷା ନିର୍ମଳା ସେଠୀ ଯୋଗ ଦେଇଥିଲେ। ଅନ୍ୟଅତିଥିଙ୍କ ମଧ୍ୟରେ ସିନେ ତାରକା ସୂର୍ଯ୍ୟମୟୀ ମହାପାତ୍ର, ପ୍ରିନ୍ସ ଡାନ୍ସ ଗ୍ରୁପର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଟି. କ୍ରିଷ୍ଣା ମୋହନ ରେଡ୍ଡି, ପ୍ରାର୍ଥନା ଏବଂ ସିଦ୍ଧାର୍ଥ ଟିଭି ଚାନେଲର ବିଚାରକ ତଥା ଓଡ଼ିଶୀ ନୃତ୍ୟ ଗୁରୁ ବିବେକାନନ୍ଦ ମହାନ୍ତି, ଓଡ଼ିଶା ସଂଗୀତ ଏକାଡେମୀ ପୁରସ୍କାରପ୍ରାପ୍ତ ଗୁରୁ ରଘୁନାଥ ପାତ୍ର ଏବଂ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଗୁଣନିଧି ନାୟକ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସଂଗୀତା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରିଚାଳନା ସଭ୍ୟା ସ୍ୱାଗତିକା ମିଶ୍ର ଓ ଅତିଥିମାନେ ବିଦ୍ୟାର୍ଥୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସବିତା ବିଷୋୟୀ କାର୍ଯ୍ୟକ୍ରମ ଉପସ୍ଥାପନା କରିଥିଲେ। ଲୀନା କର, ରଞ୍ଜିତା ପଟ୍ଟନାୟକ ଓ ହରି ସାହୁକାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରେସ ସାମଲ ଏବଂ ଶୁଭେନ୍ଦୁ ସେନାପତି ସାଂସ୍କୃତିକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ମନୋଜ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ।



## ହବାକ୍ ହାଇସ୍କୁଲ ନୋଡାଲ କେନ୍ଦ୍ର ଅଧୀନରେ ମାଟ୍ରିକ ପରୀକ୍ଷା ଦେବେ ୭୪୭ ପରୀକ୍ଷାର୍ଥୀ



**ଜି.ଉଦୟଗିରି, ୧୮ ।୨(ସମିସ):** ଆସନ୍ତା ମାଟ୍ରିକ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜି.ଉଦୟଗିରି ହବାକ ହାଇସ୍କୁଲ ନୋଡାଲ କେନ୍ଦ୍ର ଅଧୀନରେ ୪ ଟି ପରୀକ୍ଷା କେନ୍ଦ୍ରରେ ସମୁଦାୟ ୭୪୭ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ନୋଡାଲ କେନ୍ଦ୍ର ଅଧିକାରୀ ବିଜୟ କୁମାର ମିଶ୍ର କହିଛନ୍ତି। ହବାକ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୫୨ ଜଣ, ଜି.ଉଦୟଗିରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ୨୩୩ ଜଣ, କଳିଙ୍ଗା ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୫୫, ଲିଙ୍ଗାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୧୦୭ ଜଣ ପରୀକ୍ଷା ଦେବେ। ପୁଲିସ ପ୍ରହରା ସହ ପ୍ରଶ୍ନପତ୍ରକୁ କଡା ସୁରକ୍ଷା ଭିତରେ ଷ୍ଟ୍ରଙ୍ଗ ରୁମରେ ରଖାଯାଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଲେ ଶିକ୍ଷକ ପବିତ୍ର ସାହୁ



**ଜି.ଉଦୟଗିରି, ୧୮ ।୨(ସମିସ):** ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି ଜି. ଉଦୟଗିରିର ଶିକ୍ଷକ ପବିତ୍ର ମୋହନ ସାହୁ। ଶ୍ରୀ ସାହୁଙ୍କ ଅଭିନବ ଶିକ୍ଷାଦାନ ଶୈଳୀ, ଉପକରଣ ପ୍ରସ୍ତୁତି, ଡ୍ରପ ଆଉଟ ହ୍ରାସ ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଛି। ଫୁଲବାଣୀରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପୁରସ୍କାର ବିତରଣ ଉତ୍ସବରେ ଉପବାଚସ୍ପତି ସାଲୁଗା ପ୍ରଧାନ, କନ୍ଧମାଳ ସାଂସଦ ଡ. ଅଚ୍ୟୁତ ସାମନ୍ତ, ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରୋଦନ ମଲିକ, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ ଷଡଙ୍ଗୀଙ୍କ ଉପସ୍ଥିତରେ ତାଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଶ୍ରୀ ସାହୁ ପୁରସ୍କୃତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

## କିସୁବାଡ଼ିରେ କଂଗ୍ରେସର ବୈଠକ

**ଦାରିଙ୍ଗବାଡ଼ି, ୧୮ ।୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ସିଆଙ୍ଗବାଲି ପଞ୍ଚାୟତ କୁସୁବାଡି କମ୍ୟୁନିଟି ଗୃହ ପରିସରରେ ବ୍ଲକ କଂଗ୍ରେସ ପକ୍ଷରୁ ବ୍ଲକ ସଂଯୋଜକ ପ୍ରମୋଦ ଦିଗାଳଙ୍କ ନେତୃତ୍ୱରେ ଏକ ବୈଠକ ହୋଇଥିଲା। ବରିଷ୍ଠ କଂଗ୍ରେସ ନେତା ଓ କର୍ମୀଙ୍କ ସହିତ ବିଧାୟକ ଏବଂ ସାଂସଦ ଆଶାୟୀ ପ୍ରାର୍ଥୀ ଯୋଗ ଦେଇଥିଲେ। ବୈଠକରେ ପୂର୍ବତନ ବିଧାୟକ ଯାକବ ପ୍ରଧାନ, ପିସିସି ସମ୍ପାଦିକା ବିଳାସିନୀ ନାୟକ, ଜିଲ୍ଲା ମହିଳା ସଭାନେତ୍ରୀ ରୁଦା ମଲ୍ଲିକ, ଜିଲ୍ଲା ଯୁବ କଂଗ୍ରେସ ଉପ ସଭାନେତ୍ରୀ ସିମ୍ମାରାଣୀ ପତ୍ରା, ବ୍ଲକ ସମ୍ପାଦକ ଶରତ ଚନ୍ଦ୍ର ପ୍ରଧାନ, ବ୍ଲକ ଉପସଭାପତି ସନ୍ତୋଷ ପ୍ରଧାନ, ବରିଷ୍ଠ କଂଗ୍ରେସ କର୍ମୀ ସୁଶୀଲ ପ୍ରଧାନ ଏବଂ ଚକ୍ରଧର ମଲ୍ଲିକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ପାଦକ ସଞ୍ଜୟ ନାୟକ ପରିଚାଳନା କରିଥିଲେ। ବ୍ଲକ ସଂଯୋଜକ ଶ୍ରୀ ଦିଗାଳ ଧନ୍ୟବାଦ ଅର୍ପଣ କରିଥିଲେ।



## ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ; ଯୁବକ ଅଟକ

**ପାରଳାଖେମୁଣ୍ଡି, ୧୮ ।୨(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗୁରାଣ୍ଡି ଥାନାରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ହୋଇଥିବା ଅଭିଯୋଗ ହୋଇଛି। ନାବାଳିକା ଜଣକ ଏବଂ ତାଙ୍କ ପରିବାରବର୍ଗଙ୍କ ଅଭିଯୋଗ ଅନୁଯାୟୀ ଗୁରାଣ୍ଡି ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଗୁରାଣ୍ଡି ପୁଲିସ ଏନେଇ ତଦନ୍ତ କରଛି। ଏ ସମ୍ପର୍କରେ ପୁଲିସ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ନାବାଳିକା ଓ ଯୁବକର ଡାକ୍ତରୀମାଇନା ଓ ଜେରା ପରେ ପ୍ରକୃତ ଘଟଣା ଜଣାପଡ଼ିବ ବୋଲି ପୁଲିସ କହିଛି।

## ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ




**ଟିକାବାଲି, ୧୮ ।୨(ସମିସ):** କନ୍ଧମାଳ ଜିଲ୍ଲା ବାହାଡାସାହି ପଞ୍ଚାୟତ ଲୁଲୁରାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଲତାଞ୍ଜଳି ମହାନ୍ତିଙ୍କ ଅଧ୍ୟକ୍ଷତାରେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପବାଚସ୍ପତି ସାଲୁଗା ପ୍ରଧାନ, ଅତିଥି ଭାବେ ବିଧାୟକ ଫୁଲବାଣୀ ଅଙ୍ଗଦ କହଁର, ମୁଖ୍ୟବକ୍ତା ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲିକ, ସମ୍ମାନିତ ଅତିଥି ଭାବେ ଚକାପାଦ ପଞ୍ଚାୟତ ସମିତି ଅଧ୍ୟକ୍ଷା ବୈନେତ୍ରି କହଁର, ବାହାଡାସାହି ସରପଞ୍ଚ ରସ୍ମିତା କହଁର, ସମିତିସଭ୍ୟ ଯୁନେଶ ଦିଗାଲ, ନାଏବ ସରପଞ୍ଚ ମନୋଜ କୁମାର ପ୍ରଧାନ, ଉପଦେଷ୍ଟା ରାଜେଶ କୁମାର ଦିଗାଲ, ଶିକ୍ଷକ ସଙ୍ଘ ପୂର୍ବତନ ସଭାପତି କିଶୋର ଚନ୍ଦ୍ର କହଁର, ଗ୍ରାମ୍ୟମୁଖ୍ୟ ମାଧବ ବିଶୋୟୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭୀଷ୍ମ କହଁର ଯୋଗଦେଇଥିଲେ। ଶିକ୍ଷକ ଶାନ୍ତନୁ କୁମାର ପଟ୍ଟନାୟକ, କୁମୁଦ କହଁର, ଭୂବନୀ ପ୍ରଧାନ, ରଚୟତା ସ୍ୱାଇଁ, ମଧୁସ୍ମିତା ବେହେରା ଓ ରଞ୍ଜୁକ୍ତା କୁମାରୀ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରଛାତ୍ରୀ ଏବଂ ପୂର୍ବତନ ଶିକ୍ଷକଙ୍କୁ ମାନପତ୍ର ଏବଂ ଉପଢ଼ୌକନ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

**ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ଉତ୍ସବ**

# ୧୮୬୪ ଜଣଙ୍କୁ ମିଳିଲା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ଫୁଲବାଣୀ, ୧୮ ।୨(ସମିସ)**




କନ୍ଧମାଳ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ସ୍ଥାନୀୟ କରୋନେସନ ପଡ଼ିଆରେ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ଉପବାଚସ୍ପତି ସାଲୁଗା ପ୍ରଧାନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ବର୍ଗର ଲୋକଙ୍କ ପାଇଁ କୌଣସି ନା କୌଣସି ଯୋଜନା କରିଛନ୍ତି। ସାମଗ୍ରୀକ ବିକାଶ ପାଇଁ ଯେଉଁଭଳି ପ୍ରୟାସ ଜାରି ରଖିଛନ୍ତି ତାହା କନ୍ଧମାଳବାସୀ ଜାଣିଛନ୍ତି। ଯେଉଁ ଛାତ୍ରଛାତ୍ରୀଙ୍କ ଉପରେ ସେମାନଙ୍କର ପରିବାର, ରାଜ୍ୟ, ଦେଶ କିଛି ଆଶା କରିଥାଏ ସେହିମାନଙ୍କୁ ଆଜି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରିବା ସହିତ ସମ୍ବର୍ଦ୍ଧନା କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ନିଆରା ପଦକ୍ଷେପ ବୋଲି ଶ୍ରୀ ପ୍ରଧାନ କହିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ଡ. ଅଚ୍ୟୁତ ସାମନ୍ତ ଯୋଗଦେଇ 'ନବୀନ ଓଡ଼ିଶା' ସେତେବେଳେ ଗଢ଼ିହେବ ଯେତେବେଳେ ଏହି ପିଲାମାନେ ନିଜେ ନିଜକୁ ଗଢ଼ିପାରିବେ। ସବୁରି ମୂଳରେ ଶିକ୍ଷାର ଆବଶ୍ୟକତା ରହିଛି। ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସେଥିପାଇଁ ପ୍ରୋତ୍ସାହନ ଦିଆଯାଉଛି। ଆଉ ଯେଉଁଥିପାଇଁକି ମୁଖ୍ୟମନ୍ତ୍ରୀଙ୍କ ଏଭଳି ଚିନ୍ତାଧାରା ଓ ପ୍ରଚେଷ୍ଟାକୁ ଆମେ ସାଧୁବାଦ ଜଣାଇବା ସହିତ କୃତଜ୍ଞତା ଜ୍ଞାପନ କରୁଛୁ। କନ୍ଧମାଳ ଜିଲ୍ଲା ଆଜି ଏକ ଉନ୍ନତ ଜିଲ୍ଲାରେ ପରିଣତ ହୋଇପାରିଛି ବୋଲି କହିଥିଲେ। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ରଦନ ମଲ୍ଲିକ ପିଲାଙ୍କ ପାଠପଢ଼ା ସହିତ ଖେଳକୁଦ ଭଳି ଅତିରିକ୍ତ ପାଠ୍ୟକ୍ରମ କାର୍ଯ୍ୟକଳାପକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ତାଙ୍କର ଏହି ମହତ୍ ଉଦ୍ଦେଶ୍ୟକୁ ଶିକ୍ଷକ-ଶିକ୍ଷୟିତ୍ରୀ କାର୍ଯ୍ୟରେ ପରିଣତ କରୁଛନ୍ତି। କାରଣ ଶିକ୍ଷା ଉପରେ ପିଲାଙ୍କର ଭବିଷ୍ୟତ ନିର୍ଭର କରୁଛି ଓ ସବୁ ସମୟରେ ଶିକ୍ଷାର ଆବଶ୍ୟକତା ରହିଛି ବୋଲି ଶ୍ରୀ ମଲ୍ଲିକ କହିଥିଲେ। ଫୁଲବାଣୀ ବିଧାୟକ ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ପ୍ରୋତ୍ସାହିତ କରୁଥିବା ମୁଖ୍ୟମନ୍ତ୍ରୀଙ୍କ ଏହି ପ୍ରଚେଷ୍ଟାକୁ ଉଚ୍ଚ ପ୍ରଶଂସା କରିଥିଲେ। ଜିଲ୍ଲା ପରିଷଦ ଅଧ୍ୟକ୍ଷା ନନ୍ଦିନୀ ମଲ୍ଲିକ କନ୍ଧମାଳ ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥାରେ ସୁଧାର ଆଣିବାକୁ ଏହା ଏକ ଭଲ ପଦକ୍ଷେପ। ପୁରସ୍କାର ପାଇଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ-ଶିକ୍ଷୟିତ୍ରୀ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବେ ବୋଲି କହିଥିଲେ। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ୍ ଏହି ସମ୍ବର୍ଦ୍ଧନା ଉତ୍ସବରେ ସଭାପତି ଭାବେ ଯୋଗ ଦେଇଥିଲେ। '୫-ଟି' ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ରୂପାନ୍ତରଣ ରାଜ୍ୟ ସରକାରଙ୍କର ନିଜସ୍ୱ ଯୋଜନା। ଏଥିରେ ଶିକ୍ଷକ-ଶିକ୍ଷୟିତ୍ରୀ, ଆଲୁମିନି ସର୍ବୋପରି ସ୍ଥାନୀୟ ଜନପ୍ରତିନିଧିଙ୍କ ବିଶେଷ ସହଯୋଗ ରହିଛି। ରୂପାନ୍ତରଣ ଫଳରେ ଭିତ୍ତିଭୂମୀରେ ଉନ୍ନତି ଆସିବା ସହିତ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସୁଧାର ଆସିଛି। ସେଥିପାଇଁ ଜିଲ୍ଲାର ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଏହାର ଶ୍ରେୟ ଦିଆଯିବ। କାରଣ ବିଭିନ୍ନ ଅସୁବିଧା ସତ୍ତ୍ୱେ ସେମାନେ ଏଭଳି ଶିକ୍ଷା ପ୍ରଦାନ କରିପାରିଛନ୍ତି। ରାଜ୍ୟ ସରକାର ସେମାନଙ୍କୁ ଉତ୍ସାହିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ସମ୍ବର୍ଦ୍ଧନା ଉତ୍ସବର ଆୟୋଜନ କରିଛନ୍ତି ବୋଲି ଶ୍ରୀ ପାଟିଲ୍ କହିଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ। କନ୍ଧମାଳ ଜିଲ୍ଲାର ପ୍ରାୟ ରାଜ୍ୟସ୍ତରରେ ୭ ଜଣ, ଜିଲ୍ଲାସ୍ତରରେ ୧୧୪ ଜଣ ଏବଂ ବ୍ଲକ ସ୍ତରରେ ୧୭୪୩ ଜଣ ଏହିପରି ସମୁଦାୟ ୧୩ ପ୍ରକାରର ପୁରସ୍କାର ପାଇଁ ସମୁଦାୟ ୧ ହଜାର ୮୬୪ ଜଣ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ପରେ ପରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସୁଗଡ଼ବାଡ଼ି ହାଇସ୍କୁଲ୍‌କୁ ୪ଟି ପୁରସ୍କାର



**ରାଇକିଆ:** ରବିବାର ଫୁଲବାଣୀରେ କନ୍ଧମାଳ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ବିଭିନ୍ନ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ରାଇକିଆ ବ୍ଲକ ସୁଗଡ଼ବାଡି ହାଇସ୍କୁଲକୁ ଶ୍ରେଷ୍ଠ ବିଦ୍ୟାଳୟ, ଶ୍ରେଷ୍ଠ ପ୍ରଧାନ ଶିକ୍ଷକ, ଶ୍ରେଷ୍ଠ ବିଦ୍ୟାଳୟ ପରିଚାଳନା କମିଟି, ଶ୍ରେଷ୍ଠ ମୋ ସ୍କୁଲ ଅଭିଯାନ କମିଟି ଭାବେ ପୁରସ୍କୃତ କରାଯାଇଛି। ବିଦ୍ୟାଳୟ ପୂର୍ବତନ ପ୍ରଧାନ ଶିକ୍ଷକ ବିଜୟ ପ୍ରଧାନ, ପ୍ରଧାନ ଶିକ୍ଷୟିତ୍ରୀ ସୁରପ୍ରଭା ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପଦ୍ମ ପ୍ରଧାନ ଓ ମୋ ସ୍କୁଲ ଅଭିଯାନ ସଭାପତି ଅଶୋକ ଦିଗାଲ ଯୋଗଦେଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

## ଜି. ଉଦୟଗିରି ବ୍ଲକରୁ ୧୩୩ ଛାତ୍ରଛାତ୍ରୀ ଓ ୪ ଶିକ୍ଷକ ପୁରସ୍କୃତ




**ଜି. ଉଦୟଗିରି:** ଫୁଲବାଣୀଠାରେ କନ୍ଧମାଳ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ବିଭିନ୍ନ ବିଦ୍ୟାଳୟ ପରିଚାଳନା କମିଟି, ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ରବିବାର ମୁଖ୍ୟମନ୍ତ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି କ୍ରମରେ ହାଇସ୍କୁଲସ୍ତରରେ ଜି. ଉଦୟଗିରି ବ୍ଲକରୁ ୪ ଶିକ୍ଷକ ଓ ୧୩୩ ଛାତ୍ରଛାତ୍ରୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଜି. ଉଦୟଗିରି ବ୍ଲକର ହବାକ ହାଇସ୍କୁଲର ଶିକ୍ଷକ ଶିବ ସୁନ୍ଦର ଦାଶ, ଜି. ଉଦୟଗିରି ସରକାରୀ ବାଳିକା ବିଦ୍ୟାଳୟ ଶିକ୍ଷକ ମଳୟ ରଞ୍ଜନ ନାୟକ, ଗ୍ରେସିଙ୍ଗିଆ ଆରସ୍ମିନ ହାଇସ୍କୁଲ ଶିକ୍ଷକ ମହମ୍ମଦ ଯାମିଲ, ଜି. ଉଦୟଗିରି ମିଲିମନ ହାଇସ୍କୁଲ ସଞ୍ଜୟ କୁମାର ସାହୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି।

# କାର୍ ଧକ୍କାରେ ସାଇକଲ ଆରୋହୀ ମୃତ

**ଖଲ୍ଲିକୋଟ, ୧୮ ।୨(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୁରୁଣ୍ଟି ଛକ ନିକଟରେ ରବିବାର ସନ୍ଧ୍ୟାରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ଜଣେ ପରିବା ବ୍ୟବସାୟୀ ସାଇକଲରେ ଘରକୁ ଫେରୁଥିବା ବେଳେ ଗୁରୁଣ୍ଟି ଛକ ନିକଟରେ ଏକ କାର୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ସାଇକଲ ଚାଳକଙ୍କୁ ମୃତ୍ୟୁ ଘଟିଛି। ମୃତକ ହେଲେ କେ. ଲକ୍ଷ୍ମଣ ପାତ୍ର(୪୮)। ପୁଲିସ କାର୍ ଓ ମୃତଦେହ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି।



ସୂଚନା ଅନୁଯାୟୀ, ଲକ୍ଷ୍ମଣ ପାତ୍ର ଛୁଇଁ ବିକ୍ରୀ କରିବାକୁ ସାଇକଲ ଯୋଗେ କେଶପୁର ବଜାରକୁ ଯାଇଥିଲେ। ସେଠାରେ ଛୁଇଁ ବିକ୍ରି କରି ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଗୁରୁଣ୍ଟି ଛକ ନିକଟରେ ଭୁବନେଶ୍ୱର ଯାଉଥିବା ଏକ କାର୍ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। କାର୍‌ଟି ଏତେ ଜୋରରେ ଧକ୍କା ଦେଇଥିଲା ଯେ, ଲକ୍ଷ୍ମଣ ସାଇକଲରୁ ଛିଟିକି ପଡ଼ି କାର୍ ଉପରେ ବାଡ଼େଇ ହୋଇ ଲଟକି ରହି ଯାଇଥିଲେ। ସେମିତି ଝୁଲନ୍ତା ଅବସ୍ଥାରେ କାର୍ ଚାଳକ ତାଙ୍କୁ ପ୍ରାୟ ଅଧ କିଲୋମିଟର ପର୍ଯ୍ୟନ୍ତ ଟାଣି ନେଇଥିଲା। ଏହି ଦୃଶ୍ୟ ଦେଖି ଲୋକେ ଭୟଭୀତ ହୋଇ ଚିତ୍କାର କରିଥିଲେ। ତେବେ ଆଗରେ ଗୁରାପଲ୍ଲୀ ଟୋଲ ଗେଟ୍‌ଠାରେ କାର୍ ଅଟକି ଥିଲା। ଗୁରୁତର ଅବସ୍ଥାରେ ଲକ୍ଷ୍ମଣଙ୍କୁ ଖଲ୍ଲିକୋଟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## ମୃତକଙ୍କୁ ଅଧ କିଲୋମିଟର ଘୋଷାଡ଼ି ନେଲା




ବ୍ରହ୍ମପୁର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପଡ଼ିଆରେ ଅନୁଷ୍ଠିତ ଷ୍ଟେଟ୍ ବଡି ବିଲ୍ଡିଂ ଚାମ୍ପିଅନ୍‌ସିପ୍‌ରେ ଭାଗ ନେଇଥିବା ମହିଳା ପ୍ରତିଯୋଗୀ

# ରାଜ୍ୟ ରାଜପଥରେ ଉଡୁଛି ପଥର ଗୁଣ୍ଡ; ପରିବେଶ ଦୂଷିତ

**ପାରଳାଖେମୁଣ୍ଡି, ୧୮ ।୨(ସମିସ)**



ରାଜ୍ୟ ରାଜପଥରେ ଦୈନନ୍ଦିନ ବିଭିନ୍ନ ଗ୍ରାନାଇଟ ଫେକ୍ଟ୍ରି ବା ପଥରକ୍ୱାରୀରେ ପଥର ପାଉଡର ଉଡୁଥିବା ବେଳେ ପରିବେଶ ଦୂଷିତ ହେଉଛି। ହେଲେ ଜିଲ୍ଲା ପ୍ରଦୂଷଣ ବିଭାଗ ଚେଇଁ ଶୋଇଥିବା ଅଭିଯୋଗ ହେଉଛି। ଶିଳ୍ପ ବିହୀନ ଜିଲ୍ଲାରେ କେବଳ କିଛି କାଜୁ ଫେକ୍ଟ୍ରିକୁ ଛାଡି ଦେଲେ ଗ୍ରାନାଇଟ୍ ଫେକ୍ଟ୍ରି, ପଥର କ୍ୱାରୀ ଆଦି ରହିଛି। ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସହର ଉପକଣ୍ଠ ଠାରୁ ଆରମ୍ଭ କରି ବିଶେଷ ଭାବେ ଗୋଷାଣି ବ୍ଲକରେ ବହୁ ଗ୍ରାନାଇଟ୍ ଫେକ୍ଟ୍ରି ରହିଛି। ସରକାରଙ୍କ ନିୟମକୁ ବେଖାତିର କରି ଦୈନନ୍ଦିନ ଗ୍ରାନାଇଟ ଫେକ୍ଟ୍ରି ଗୁଡିକରୁ ଗ୍ରାନାଇଟ କିମ୍ବା ପଲିସ ପାଇଁ ପଥର ନେବା ଆଣିବା କଲାବେଳେ ରାସ୍ତାଘାଟ ଉପରେ ପଥରଗୁଣ୍ଡ ପଡ଼ି କଳା ଚିକ୍ ଚିକ୍ କରୁଥିବା ପିଚୁ ରାସ୍ତା ଧଳା ବର୍ଣ୍ଣରେ ପରିଣତ ହେଉଛି। ଏହି ଗୁଣ୍ଡ ଶୁଖିଯିବା ପରେ ଯାତାୟାତ କରୁଥିବା ଯାନବାହାନ କିମ୍ବା ସାମାନ୍ୟ ପବନ ହେଲେ ଉଡ଼ି ପରିବେଶ ପ୍ରଦୂଷଣ ହେଉଥିବା ଲକ୍ଷ୍ୟ କରାଯାଇଛି। ଆଖପାଖରେ ଥିବା ଜନବସତି ସହ ଚାଷ ଜମି, ବିଭିନ୍ନ ବୃକ୍ଷଲତାରେ ଏହି ପଥର ଗୁଣ୍ଡ ଲାଗି ସେହି ଅଞ୍ଚଳର ପରିବେଶ ପ୍ରଦୂଷିତ ହେଉଛି। ପଥର ଗୁଣ୍ଡ ଉଡ଼ିବା ଫଳରେ ପଥଚାରୀଙ୍କ ଠାରୁ ଆରମ୍ଭ କରି ଯାତାୟାତ କରୁଥିବା ବିଭିନ୍ନ ଯାନବାହାନ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମୁଖ୍ୟ କରି ଆଖପାଖ ଅଞ୍ଚଳରେ ଥିବା ଜନବସତିରେ ପଥର ଗୁଣ୍ଡ ପଶୁଛି। ନିଶ୍ୱାସ ପ୍ରଶ୍ୱାସ ନେବାରେ ସମସ୍ୟା ହେଉଥିବା କହିଛନ୍ତି ଅଞ୍ଚଳବାସୀ। ବିଶେଷ କରି ଗୋଷାଣି ବ୍ଲକ ଗାରାବନ୍ଧ ଗ୍ରାମସ୍ଥିତ ପାୱାର ହାଉସ ନିକଟସ୍ଥ ଗ୍ରାନାଇଟ ଫ୍ୟାକ୍ଟ୍ରି, ଦେବିତି ଗ୍ରାମ ନିକଟରେ ଥିବା ତିନିରୁ ଅଧିକ ଗ୍ରାନାଇଟ ଫେକ୍ଟ୍ରି ଯୋଗୁଁ ଏପରି ସମସ୍ୟା ଦେଖାଦେଉଛି। ଏହି ଗ୍ରାମାଞ୍ଚଳର ରାଜ୍ୟ ରାଜପଥରେ ବର୍ଷର ଅଧିକାଂଶ ଦିନ ରାସ୍ତା ଉପରେ ପଥର ଗୁଣ୍ଡ ଦେଖିବାକୁ ମିଳିଥାଏ। ଜିଲ୍ଲା ପ୍ରଦୂଷଣ ବିଭାଗ ଆଜି ଯାଏଁ କୌଣସି ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେଇ ନ ଥିବା ବେଳେ ପ୍ରଦୂଷଣକୁ ନେଇ ସଚେତନତା ମଧ୍ୟ କରାଯାଉନାହିଁ। ବିଭାଗ ତରଫରୁ ଖିଲାପକାରୀ ଉଦ୍ୟୋଗ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ।

# ବରିଷ୍ଠ ନାଗରିକ ମଞ୍ଚର ସ୍ମୃତିସଭା

**ଖଲ୍ଲିକୋଟ, ୧୮ ।୨(ସମିସ):** ଖଲ୍ଲିକୋଟର ଦିବଙ୍ଗତ ନେତ୍ରୀ ରାଣୀ ସାହେବା ଭି. ସୁଜ୍ଞାନ କୁମାରୀ ଦେଓଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ଖଲ୍ଲିକୋଟ ବରିଷ୍ଠ ନାଗରିକ ମଞ୍ଚ। ମଞ୍ଚର ସଭାପତି ଡାକ୍ତର ହରପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ଦୈତାରୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସିନ୍ଧୁ ଉର୍ମି ସାହିତ୍ୟ ସଂସଦର ସଭାପତି ସୁଧାଂଶୁ ଶେଖର ସାହୁ, ଡକ୍ଟର ଏପିଜେ ଅବଦୁଲ କାଲାମ ଜନକଲ୍ୟାଣ ଟ୍ରଷ୍ଟର ସଭାପତି ପୂର୍ଣ୍ଣଚନ୍ଦ୍ର ବେହେରା, ଅନନ୍ୟ ଉତ୍କଳର ସଭାପତି ପ୍ରଭାତ କୁମାର ମିଶ୍ର, ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ, ବରିଷ୍ଠ ନାଗରିକ ମଞ୍ଚର ସଦସ୍ୟ ବିପିନ ବିହାରୀ ସାମନ୍ତ, ରଘୁନାଥ ବେହେରା, ଚନ୍ଦ୍ରଶେଖର ପଟ୍ଟନାୟକ, ପଞ୍ଚାନନ ସୁର, ପ୍ରଦୀପ କୁମାର ପଟ୍ଟନାୟକ, ସରୋଜବାଲା ପଟ୍ଟନାୟକ, ବିଦ୍ୟୁତ ପ୍ରଭା ଦାଶଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ରାଣୀମା'ଙ୍କ ସ୍ମୃତିଚାରଣ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ପ୍ରମୋଦ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଫିରିଙ୍ଗିଆ, ୧୮ ।୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କେଳାପଡ଼ା ପଞ୍ଚାୟତ ପିପଲପଦା ସରକାରୀ ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ କେଳାପଡ଼ା ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ବୈରାଗୀ କହଁର, ସିଆରସି ମନୋଜ ନାୟକ, ପ୍ରଧାନ ଶିକ୍ଷକ ପ୍ରଭାକର ପ୍ରଧାନ, ରାମେଶ୍ୱର କହଁର, ଯତୀନ୍ଦ୍ର ପ୍ରସାଦ ରାଉତ, ଜିତେନ୍ଦ୍ର ଯାନି, ଶିକ୍ଷକ ପ୍ରମୋଦ କହଁର, ସମାଜସେବୀ ବୁନା କହଁର, ସାମ୍ବାଦିକ ଅକ୍ଷୟ କୁମାର ନାୟକ ଯୋଗ ଦେଇଥିଲେ। ପ୍ରଥମେ ବିଦ୍ୟାଳୟ ଛାତ୍ରଛାତ୍ରୀମାନେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶ୍ରୀୟାଭଞ୍ଜୀ ମଲ୍ଲିକ ବାର୍ଷିକ ବିବରଣୀ ପାଠ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ



**ରଙ୍ଗେଇଲୁଣ୍ଡା, ୧୮ ।୨(ସମିସ):** ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନସ୍ଥ ଚାନ୍ଦପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥି ଭାବେ ଗଞ୍ଜାମ ଜିଲ୍ଲା ପରିଷଦ ଉପସଭାପତି ଏସ ରାଜେଶ୍ୱରୀ ଦୋରା, ବିଡିଓ ଅଂଶୁମାନ ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଚିନି ଉଷା ରାଣୀ, ବ୍ଲକ ଉପାଧ୍ୟକ୍ଷା ଅନିତା ମାହାଙ୍କୁଡ, ସିଡିପିଓ ଜ୍ୟୋତ୍ସ୍ନା ପୋଡ଼, ସରପଞ୍ଚ ରଶ୍ମିତା ପାତ୍ର, ସାଂସଦ ପ୍ରତିନିଧି ଅଜିତ ଦାଶ ସିଏଚ ବାଇରୀ ପାତ୍ର ଯୋଗଦେଇଥିଲେ। ସାଂସଦ ପ୍ରତିନିଧି ଦାସ ସଭା ପରିଚାଳନା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମଞ୍ଚାସୀନ ଅତିଥିମାନେ ଆଲୋକପାତ କରିଥିଲେ। ଏହି ଅବସରରେ ଗୋପାଳପୁର ଏନ୍‌ଏସି ଅଧ୍ୟକ୍ଷ ଜାନକୀ ରାମ, ସହକାରୀ ମତ୍ସ୍ୟ ଅଧିକାରୀ ଦୀପ୍ତିମୟୀ ବେହେରା, ଏମ ମୋହନ, ପିଇଓ, ରୂପକ ରଞ୍ଜନ ପାତ୍ର, ସମୀର ମିଶ୍ର, ରାମ ହରି ପାତ୍ର, ପ୍ରକାଶ ଚନ୍ଦ୍ର ସାମନ୍ତ, ସୁପରଭାଇଜର ବବିତା ନାୟକ, ବାନି ଲେଙ୍କା, ଦଣ୍ଡପାଣି ବେହେରା, ନିର ବେହେରା, ପ୍ରବୀଣ କୁମାର, ସନ୍ତୋଷ ବେହେରା, ଜୟ ସାହୁ, ବାବୁଲା ସାହୁ, ପ୍ରକାଶ ସେଠୀ, ବିଏଲସି ପବିତ୍ରା ଦୋରା, ରୋଜାରାଣୀ ପଟ୍ଟନାୟକ, ନରେଶ ପାତ୍ର, ଧର୍ମ ରେଡ଼ି, ହରିହର ପାତ୍ର, ଟୁନା ଦାସ, ରାଜୀବ ଦାସ, ସୁଧୀର ନାୟକ, ଦୁର୍ଯ୍ୟୋଧନ ରେଡ଼ି, ବିନୋଦ କୁମାର ମହାଙ୍କୁଡ଼, ଯଯାତି ପାତ୍ର, ରାଜେନ୍ଦ୍ର ରେଡ଼ି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ସାହିତ୍ୟ ଅନୁଷ୍ଠାନ 'ସିଦ୍ଧାନ୍ତ'ର ସାରସ୍ୱତ ସମାରୋହ

**ପାରଳାଖେମୁଣ୍ଡି, ୧୮ ।୨(ସମିସ)**

ପାରଳାଖେମୁଣ୍ଡିସ୍ଥିତ ଉତ୍କଳ ହିତୈଷିଣୀ ସଭା ଗୃହରେ 'ସିଦ୍ଧାନ୍ତ' ସାହିତ୍ୟ ଅନୁଷ୍ଠାନ ଆନୁକୂଲ୍ୟରେ ଡ. ଅନ୍ନପୂର୍ଣ୍ଣା ଦେବୀଙ୍କ ଅଧ୍ୟକ୍ଷତାରେ ଏକ ଭବ୍ୟ ସାହିତ୍ୟ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଉଦୟନାଥ ପଣ୍ଡାଙ୍କ 'ମଞ୍ଜୁଷା ଇତିହାସ' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିରେ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ଜିତେନ୍ଦ୍ର ନାଥ ପଟ୍ଟନାୟକ ମୁଖ୍ୟ ଅତିଥି ଓ ଉପାନ୍ତ ପ୍ରହରୀ ତଥା ଐତିହାସିକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ ମଞ୍ଜୁଷାର ସୁଦୀର୍ଘ ୭୦୦ ବର୍ଷର ଐତିହ୍ୟ ସମ୍ପର୍କରେ କହିବା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ମଞ୍ଜୁଷା ରାଜ ପରିବାରର ଅବଦାନ ସମ୍ପର୍କରେ ଦର୍ଶାଇଥିଲେ। ଅଧ୍ୟାପକ ଡ. ନୃସିଂହ ପ୍ରସାଦ ପାଣିଗ୍ରାହୀ, ଅଧ୍ୟାପକ ସୀତାରାମ ପ୍ରଧାନ, କବି ବିଚିତ୍ରାନନ୍ଦ ବେବର୍ତ୍ତା ଓ ଆଚାର୍ଯ୍ୟ ବିନୋଦ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସାହିତ୍ୟିକ ଉଦୟନାଥ ପଣ୍ଡାଙ୍କୁ 'ସିଦ୍ଧାନ୍ତ ସମ୍ମାନ-୨୦୨୪' ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ମୀନାକ୍ଷୀ ପାଣିଗ୍ରାହୀ ସ୍ୱାଗତ ଭଷଣ ଦେଇଥିବା ବେଳେ ସଭାକୁ ସଂଯୋଜନା କରିଥିଲେ ଡ. କଲ୍ୟାଣୀ ମିଶ୍ର। ଧନ୍ୟବାଦ ଦେଇଥିଲେ ଅଧ୍ୟାପିକା ଶ୍ରୀମତୀ ଗୌଡ। କାର୍ଯ୍ୟକ୍ରମ ଶେଷରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ଓଡ଼ିଶୀ ଏବଂ ଭାରତ ନାଟ୍ୟମ ପରିବେଷଣ କରାଯାଇଥିଲା। ଏହା ପରେ ଆଶାଲତା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅଧ୍ୟାପିକା ଅଞ୍ଜନୀ ପଟ୍ଟନାୟକ ଓ ସ୍ୱର୍ଣ୍ଣ ପ୍ରଭା ପାଠୀଙ୍କ ସଂଯୋଜନାରେ କବିତାପାଠ ହୋଇଥିଲେ। ସମସ୍ତ କବିତାର ସମୀକ୍ଷା କରିଥିଲେ ଡ. ଭାରତୀ ପାଣିଗ୍ରାହୀ।



# ବିଜେପି ପକ୍ଷରୁ 'ବୁଥ୍ ଚାଲ ଅଭିଯାନ' କାର୍ଯ୍ୟକ୍ରମ

**ବ୍ରହ୍ମପୁର, ୧୮ ।୨(ସମିସ):** ଭାରତୀୟ ଜନତା ପାର୍ଟିର ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ 'ବୁଥ୍ ଚାଲ ଅଭିଯାନ ସହ ମୋଦି ଗ୍ୟାରେଣ୍ଟି ପଦଯାତ୍ରା' ରବିବାର ଅନୁଷ୍ଠିତ ହୋଇଯାଇଛି। ବିଜେପିର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତିଙ୍କ ନେତୃତ୍ୱରେ ୱାର୍ଡ ୧ ନମ୍ବରସ୍ଥିତ ଉତ୍ତର ମୁଖି ମନ୍ଦିରଠାରୁ ଏହି ଅଭିଯାନ ଆରମ୍ଭ ହୋଇଥିଲା। ଅଭିଯାନରେ ଆସ୍କା ରୋଡ୍ ମଣ୍ଡଳର ୨୦ଟି ବୁଥର ସଭାପତିମାନଙ୍କ ସହ ଘରକୁ ଘର ଯାଇ ସମ୍ପର୍କ ସ୍ଥାପନ କରି ମୋଦି ଗ୍ୟାରେଣ୍ଟି ପତ୍ରିକା ବଣ୍ଟନ କରାଯାଇଥିଲା। ଏହି ଅଭିଯାନ ଏକ ନମ୍ବର ୱାର୍ଡଠାରୁ ୬ନମ୍ବର ୱାର୍ଡରେ ଥିବା ବିଭିନ୍ନ ବୁଥର ସଭାପତିମାନେ ପଦଯାତ୍ରାରେ ଯୋଗ ଦେଇ 'କାନ୍ଥ ଲିଖନ' ସହ ବିଭିନ୍ନ ଛକରେ 'ଚାୟ ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଆସ୍କା ରୋଡ୍ ମଣ୍ଡଳ ସଭାପତି ଭାବଗ୍ରାହୀ ପାଳ, ଏନ୍.ଏରେୟା, କମଲ୍ ପାତ୍ର, ସାଗର ମୁଖୀ, ମହେଶ ତ୍ରିପାଠୀ, ଅନୁପ ପଣ୍ଡା, ମନୋଜ ମହାରଣା, ଶକ୍ତି ପଟ୍ଟନାୟକ, ରବି ନାରାୟଣ ବେହେରା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ବରିଷ୍ଠ ନେତା ସୁନିଲ କୁମାର ସାହୁ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ରଙ୍କ ସମେତ ବହୁ କର୍ମୀ ଅଭିଯାନରେ ସାମିଲ ଥିଲେ।

# ବାୟକ କାଳୁ ଚରଣ ବେହେରାଙ୍କ ସ୍ମୃତିସଭା



**ରମ୍ଭା, ୧୮ ।୨(ସମିସ):** ସାନରାମଚନ୍ଦ୍ରପୁର ପଞ୍ଚାୟତ ଅଧୀନସ୍ଥ ଗୌରାଙ୍ଗପାଟଣା ଗ୍ରାମରେ ବିଶିଷ୍ଟ କଳାକାର ତଥା ବାୟକ ପୁଣ୍ୟାତ୍ମା ସ୍ୱର୍ଗତ କାଳୁ ଚରଣ ବେହେରାଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା ଓ ବାୟକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ କୃଷ୍ଣଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ମୃତିଚାରଣ ସଭା ଓ ବାୟକ ସମ୍ମିଳନୀରେ ମୁଖ୍ୟ ଅତିଥି ରୂପେ ଚଉଦେଶ ଛପନ ଖଣ୍ଡ ଗ୍ରାମ ସଭାପତି ବ୍ରଜବନ୍ଧୁ ବେହେରା, ସମ୍ମାନିତ ଅତିଥି ରୂପେ ଗୌରାଙ୍ଗପାଟଣା ଅରବିନ୍ଦ କ୍ଲବର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋବିନ୍ଦ ବେହେରା, ବରିଷ୍ଠ ସମାଜସେବୀ ଡମ୍ବୁରୁ ବେହେରା, ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, ସେବକ ସଂଘର ସଭାପତି ହରେକୃଷ୍ଣ ମଲ୍ଲିକ, ବରିଷ୍ଠ ସାହିତ୍ୟିକ ପ୍ରହ୍ଲାଦ ବେହେରା, ଗ୍ରାମ୍ୟ ସଭାପତି ଚକ୍ରପାଣି ବେହେରା, ଗଣମାଧ୍ୟମ ପ୍ରତିନିଧି ସୁଜିତ କୁମାର ବେହେରା, ନୀଳାଞ୍ଚଳ ସେନାପତି ପ୍ରମୁଖ ଯୋଗଦେଇ ପୁଣ୍ୟାତ୍ମା ବାୟକ କାଳୁ ଚରଣ ବେହେରାଙ୍କ କଳାକାର ଜୀବନୀ ଉପରେ ଆଲୋକପାତ କରିଥିଲେ। ଏଥିରେ ୫୦ରୁ ଅଧିକ ବାୟକ ଅଂଶଗ୍ରହଣ କରିଥିଲେ। ଜ୍ୟେଷ୍ଠ ପୁତ୍ର ପ୍ରଧାନ ଶିକ୍ଷକ ଅଭିରାମ ବେହେରାଙ୍କ ଦ୍ୱାରା ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ଶେଷଦେବ ବେହେରା ପରିଚାଳନା କରିଥିବା ବେଳେ, ତୁଷାରକାନ୍ତ ବେହେରା, ଅର୍ଜୁନ ବେହେରା, ସମୀର କୁମାର ଅଧିକାରୀ, ଧରଣୀଧର ବେହେରା, ନିରଞ୍ଜନ ବେହେରା, ବିମ୍ବାଧର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



